ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 40 | 1 - 7 October 2023 | Sambalpur | Page- 8 | Invitation Price Rs.10

सत्यमेव जयते



## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଗଣେଶୀଲାଲ
(ଗଣେଶୀଲାଲ)

# ଜି-୨୦ ଅଧ୍ୟକ୍ଷତା ଯୁବପୀଢ଼ିଙ୍କ ପାଇଁ ନୂଆ ଦିଗ ଖୋଲିବ: ପି.କେ. ମିଶ୍ର

ନୂଆଦିଲ୍ଲୀ: ଜି -୨୦ ଅଧ୍ୟକ୍ଷତା ଯୁବପୀଢ଼ିଙ୍କ ପାଇଁ ନୂଆ ଦିଗ ଖୋଲିବ । ଏହି ନବସୃଜନ ଯୁଗରେ ଭାରତର ଉଜ୍ଜ୍ୱଳ ପ୍ରତିଭାମାନେ ଏହି ସୁଯୋଗକୁ ସକ୍ରିୟ ଭାବେ ଉପଯୋଗ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି କେ ମିଶ୍ର କହିଛନ୍ତି ।



ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଜି-୨୦ ୟୁନିଭର୍ସିଟି କନେକ୍ସ ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ଡକ୍ଟର ମିଶ୍ର ଭାରତର ଅଧ୍ୟକ୍ଷତାରେ ସଦ୍ୟ ସମାପ୍ତ ଜି-୨୦ ଶିଖର ବୈଠକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଏହି ସଂସ୍କରଣରେ ଜନଭାଗିଦାରୀ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ୧୫ କୋଟିରୁ ଅଧିକ ନାଗରିକ ସିଧାସଳଖ ଜି-୨୦ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିଛନ୍ତି । ସଚେତନତା ଶୋଭାଯାତ୍ରା, ସ୍ମାରକୀ ସହ ସେଲ୍‌ଫି', ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା, କର୍ମଶାଳା, ମାରାଥନ୍ ସ୍ୱଚ୍ଛତା ଅଭିଯାନ, ଯୁବା ସମ୍ବାଦ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜି-୨୦ର ଉଦ୍ଦେଶ୍ୟକୁ ଅନ୍ତିମ ସୋପାନ ପର୍ଯ୍ୟନ୍ତ ପହଞ୍ଚାଇବାର ଚେଷ୍ଟା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ଥିଲା ଯେ ଜି-୨୦ ଏକ ସର୍ବଭାରତୀୟ କାର୍ଯ୍ୟକ୍ରମ ହେବା ଉଚିତ ଏବଂ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହାର କାର୍ଯ୍ୟକ୍ରମ ଆୟୋଜନ କରାଯିବା ଆବଶ୍ୟକ । ଏହି କାରଣରୁ ଜି-୨୦ର ବିଭିନ୍ନ ଆଲୋଚନା ଓ କାର୍ଯ୍ୟକ୍ରମକୁ ବିକେନ୍ଦ୍ରୀକୃତ, ସାର୍ବଜନୀନ ଏବଂ ଦେଶର କୋଣ ଅନୁକୋଣକୁ ନିଆଯାଇଥିଲା । ପ୍ରତ୍ୟେକ ରାଜ୍ୟ ନିଜର ଅନନ୍ୟ ସାଂସ୍କୃତିକ ଛାପ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କ ମନରେ ଛାଡ଼ି ବିଶ୍ୱକୁ ଭାରତର ବିବିଧତା ବିଷୟରେ ଏକ ଧାରଣା ଦେଇଥିଲେ ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ଓଡ଼ିଶା ସରକାର



## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

୨ ପୃଷ୍ଠାରେ..



ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା'



ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ



କୋଲେଷ୍ଟେରଲ୍ କମାଇବ ଆଭୋକାଡୋ



କ୍ୟାନ୍ସରରୁ ରକ୍ଷା କରିବ ଆମ୍ବ



ପୋଷକ ତତ୍ତ୍ୱର ଗନ୍ତାଘର ତେନ୍ତୁଳି



ଚନ୍ଦନର ଉପକାରିତା

# ପୁରୀ- ଭୁବନେଶ୍ୱର- ରାଉରକେଲା 'ବନ୍ଦେ ଭାରତ ଏକ୍ସପ୍ରେସ୍' ଲୋକାର୍ପିତ

ଭୁବନେଶ୍ୱର : ରାଜ୍ୟରେ ରବିବାରଠାରୁ ପୁରୀ-ଭୁବନେଶ୍ୱର-ରାଉରକେଲା 'ବନ୍ଦେ ଭାରତ ଏକ୍ସପ୍ରେସ୍'ଚଳାଚଳ ଆରମ୍ଭ କରିଛି । ଏହା ରାଜ୍ୟ ପାଇଁ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ । ପୁରୀ-ରାଉରକେଲା- ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଆଭାସି ମାଧ୍ୟମରେ ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଆଭାସିରେ ଯୋଡି ହୋଇଥିଲେ । ଏକାସଙ୍ଗେ ୯ଟି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ୯ ଟି ବନ୍ଦେ ଭାରତ ଏକ୍ସପ୍ରେସ ୧୧ଟି ରାଜ୍ୟ ଦେଇ ଚଳାଚଳ କରିବ ବୋଲି ଜଣାପଡ଼ିଛି । ଭୁବନେଶ୍ୱର ରେଳ ଷ୍ଟେସନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସାଂସଦ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେପିର ସମ୍ବିତ ପାତ୍ର, ବିଧାୟିକା କୁସୁମ ଟେଟେ ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରମୁଖ ବନ୍ଦେ ଭାରତ ରେଳକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ ଶନିବାରକୁ ଛାଡ଼ି ସପ୍ତାହରେ ବାକି ୬ ଦିନ ଚାଲିବ । ଏହା ପ୍ରତ୍ୟହ ସକାଳ ୫ଟାରେ ପୁରୀରୁ ବାହାରି ରାଉରକେଲାରେ ୧୨ଟା ୪୫ମିନିଟରେ ପହଞ୍ଚିବ । ପରେ ରାଉରକେଲାରୁ ଅପରାହ୍ନ ୨ଟା ୧୦ମିନିଟରେ ଛାଡ଼ି ରାତି ୯ଟା ୪୦ମିନିଟରେ ପୁରୀରେ ପହଞ୍ଚିବ । ଏହି ସେମି ହାଇସ୍ପିଡ୍ ଅତ୍ୟାଧୁନିକ ରେଳ ଚାଲିବା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ଚଳାଚଳ କରିଥିଲା । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରୁ ବନ୍ଦେ ଭାରତ ଏକ୍ସପ୍ରେସ ରେଳର ଶୁଭାରମ୍ଭ ପରେ ସେହି ରେଳରେ ଅନୁଗୁଳ ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ରୋଡ଼ରେ ମାତୃଶକ୍ତିଙ୍କ ଦ୍ୱାରା କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଏଥିସହିତ କଟକ, ଢେଙ୍କାନାଳ, ଅନୁଗୋଳ, ତାଳଚେରରୋଡ଼, ରେଢ଼ାଖୋଲ, ସମ୍ବଲପୁରସିଟି, ଝାରସୁଗୁଡ଼ା ଏବଂ ରାଉରକେଲା ରେଳ ଷ୍ଟେସନରେ ସ୍ଥାନୀୟ ବିଧାୟକ ଏବଂ ସାଂସଦମାନେ ଉପସ୍ଥିତ ହୋଇ ବନ୍ଦେ ଭାରତ ରେଳ ଚଳାଚଳକୁ ଶୁଭାରମ୍ଭ କରିଥିଲେ । ବନ୍ଦେ ଭାରତ ରେଳରେ ପୁରୀ-ରାଉରକେଲା ଯାତ୍ରା ଭଡ଼ା ଜିଏସଟି ଏବଂ ଖାଦ୍ୟ ଆଦି ଖର୍ଚ୍ଚକୁ ମିଶାଇ ୨୪ଶହ ଟଙ୍କା ରହିଛି ।



## ଶାର ରାଣୀ- ଧରଣୀଧର କର ସ୍ମୃତି କମିଟି ପକ୍ଷରୁ ଆଲୋଚନାଚକ୍ର

ସମ୍ବଲପୁର : ଶାସନର ଭାଲୁବାହାଲ ସ୍ଥିତ ନୀଳଚକ୍ର ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଶାର ରାଣୀ - ଧରଣୀଧର କର ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଓ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । କମିଟିର ସଭାପତି ବଂଶୀଧର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ଭୂଷଣ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଡକ୍ଟର ଗିରିଜା ଶଙ୍କର ଶର୍ମା, ଡାକ୍ତର ବିନୋଦ ବିହାରୀ ନାଏକ, ରବିନାରାୟଣ ପଣ୍ଡା, ସରୋଜ କୁମାର ସାମନ୍ତରାୟ ପ୍ରଦୀପ କୁମାର ମହାଣା, ସଚ୍ଚିଦାନନ୍ଦ ପ୍ରଧାନ, ଶରତ ଚନ୍ଦ୍ର ରଥ, ଦେବାଶିଷ ସାହୁ, ତ୍ରିବିକ୍ରମ ପୋଡ଼ୁ, ଗୋପାଳ ରାଉତ ପ୍ରମୁଖ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଜଙ୍ଗଲ, ବନ୍ୟ ପ୍ରାଣୀ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା । ପଥ ପାର୍ଶ୍ୱ ଚାରାରୋପଣ, ଜନତାଙ୍କୁ ଫଳ ଚାରା ବଣ୍ଟନ କରାଯାଇଥିଲା । ଏଥି ସହ ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲବଙ୍ଗ ଲତା ଧଳ ଓ ଶିବପ୍ରିୟା ସାହୁଙ୍କୁ ଉତ୍ତରୀୟ ଟ୍ରଫି, ମାନପତ୍ର, ସେବା ପଦକ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଶିଲ କୁମାର ବେହେରା, ସନ୍ତୋଷ କୁମାର ପ୍ରଧାନ, ଯଶୋବନ୍ତ ପୁରୋହିତ, ଜୟରାମ ପ୍ରଧାନ, ଜାବର୍ଦ୍ଧନ ରାଉତ, ଅମରେନ୍ଦୁ ଦାଶ ଓ ଆଶୁତୋଷ ହୋତା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ପ୍ରଫେସର ପି.ସି ସ୍ୱାଇଁଙ୍କ ଅବସର ଗ୍ରହଣ

ବୁର୍ଲା : ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରୁ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଅବସର ନେଇଛନ୍ତି । ଏହି ଅବସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ କୁଳପତି ପ୍ରଫେସର ବଂଶୀଧର ମାଝି, କୁଳସଚିବ ପ୍ରଦୀପ ଡାଙ୍ଗ, ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତ ପ୍ରଫେସର ସ୍ୱାଇଁଙ୍କ କର୍ମନିଷ୍ଠା, ଛାତ୍ର ବତ୍ସଳ ତଥା କର୍ତ୍ତବ୍ୟ ନିଷ୍ଠା ବିଷୟରେ କହିଥିଲେ । ପ୍ରଫେସର ସ୍ୱାଇଁଙ୍କ ଦୀର୍ଘ ୩୨ ବର୍ଷ ଧରି ଅନୁଷ୍ଠାନ ପ୍ରତି ଥିବା ଶିକ୍ଷା, ଗବେଷଣା ତଥା ଅନ୍ୟାନ୍ୟ କ୍ଷେତ୍ରରେ ଥିବା ଅବଦାନ ବିଷୟରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ କହିଥିଲେ । ପ୍ରଫେସର ସ୍ୱାଇଁ ୧୯୯୧ ମସିହାରେ ୟୁସିଇ ବୁର୍ଲାରେ ଅଧ୍ୟାପକ ଭାବେ ଯୋଗ ଦେଇ ୨୦୦୯ ମସିହାରେ ପ୍ରଫେସର ପଦବୀକୁ ପଦୋନ୍ନତି ପାଇଥିଲେ । କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ପ୍ରୟୋଗ କରି ସେ ବନ୍ୟା ନିୟନ୍ତ୍ରଣ, ଭୂତଳ ଜଳ ପରିଚାଳନା, ଜଳସେଚନ ପରିଚାଳନା ଆଦି କାମ ସମାଜ ମଙ୍ଗଳ ଦିଗରେ କରିଥିଲେ । ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ବିଭିନ୍ନ ପତ୍ରିକା ତଥା ସମ୍ମିଳନୀରେ ସନ୍ଦର୍ଭ ମାନ ପ୍ରକାଶ କରିଛନ୍ତି । ପ୍ରଫେସର ସ୍ୱାଇଁ ଅନୁଷ୍ଠାନର ବିଭାଗୀୟ ମୁଖ୍ୟ, ଡିନ୍ ତଥା ଅନ୍ୟାନ୍ୟ ପ୍ରଶାସନିକ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ସୁଧାଂଶୁ ଶେଖର ଦାସ, ପ୍ରଫେସର ପ୍ରଶାନ୍ତ ନନ୍ଦ, ପ୍ରଫେସର ଜୟଦେବ ରଣା, ପ୍ରଫେସର ଜ୍ଞାନରଞ୍ଜନ ବିଶ୍ୱାଳ, ପ୍ରଫେସର ଅନୀଳ କର, ପ୍ରଫେସର ଅମର ନାଥ ନାୟକ, ପ୍ରଫେସର ଦେବଦତ୍ତ ମିଶ୍ର, ପ୍ରଫେସର ସଞ୍ଜୟ ପାତ୍ର, ପ୍ରଫେସର ସଞ୍ଜୟ ଅଗ୍ରୱାଲ, ପ୍ରଫେସର ସିଦ୍ଧାର୍ଥ ପଣ୍ଡା, ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ଓ ଅନୁଷ୍ଠାନର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ବାର୍ କାଉନସିଲ ସଦସ୍ୟ ଗିରିଜାଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼ : ଓଡ଼ିଶା ବାର୍ କାଉନସିଲର ନବନିର୍ବାଚିତ ସଦସ୍ୟ ଗିରିଜା ଶଙ୍କର ମିଶ୍ରଙ୍କୁ ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ମିଶ୍ର ଜିଲା ଓକିଲ ସଂଘର କାର୍ଯ୍ୟାଳୟରେ ପହଞ୍ଚିବା ପରେ ସଂଘ ସମ୍ପାଦକ ଟିକେଶ୍ୱର ଧଳଙ୍କ ସମେତ ଅନ୍ୟ ସଦସ୍ୟ ବୃନ୍ଦ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ରାଜ୍ୟର ଓକିଲମାନଙ୍କ ସ୍ୱାର୍ଥ ପାଇଁ ଅହରହ ଉଦ୍ୟମ କରିବେ ବୋଲି କହିଥିଲେ । ସଂଘ ସଦସ୍ୟ ଜୟ ଭଗବାନ ଅଗ୍ରୱାଲ, ଦିଲ୍ଲୀପ କୁମାର ଗୁରୁ, ସୁଶାନ୍ତ କୁମାର ବିଶ୍ୱାଳ, ନାରାୟଣ ପ୍ରସାଦ ଗୁରୁ, ତାରିଣୀ କାନ୍ତ ଦାଶ, ରାଜ କିଶୋର ପ୍ରଧାନ, ବିରେନ କୁମାର ପ୍ରଧାନ, କ୍ଷେତ୍ରବାସୀ ମେହେର, ଦେବାନନ୍ଦ ପ୍ରଧାନ ଓ ସିଦ୍ଧେଶ୍ୱର ଗୁରୁଙ୍କ ସମେତ ବହୁ ଓକିଲ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ ।

## ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ର 'ମହାନଦୀ-କବିଙ୍କ କଳ୍ପନାରେ ନଦୀ' ପୁରସ୍କୃତ

ନୂଆଦିଲ୍ଲୀ : କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସଂସ୍ଥା ଇନ୍ଦିରା ଗାନ୍ଧୀ ନ୍ୟାସନାଲ ସେଣ୍ଟର ଫର ଦ ଆର୍ଟସ (ଆଇଜିଏନସିଏ) ଦ୍ୱାରା ଆୟୋଜିତ ତିନି ଦିବସୀୟ ଚତୁର୍ଥ ନଦୀ ଉତ୍ସବରେ ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ର 'ମହାନଦୀ-କବିଙ୍କ କଳ୍ପନାରେ ନଦୀ ପୁରସ୍କୃତ ହୋଇଛି । ନଦୀ ଉତ୍ସବର ଅନ୍ତିମ ଦିବସ ପୁରସ୍କାର ପାଇଁ ବିଭିନ୍ନ ଭାଷାର ଚାରିଟି ପ୍ରାମାଣିକ ଚଳଚ୍ଚିତ୍ର ମନୋନୀତ ହୋଇଛନ୍ତି । ପ୍ରତ୍ୟେକ ଚଳଚ୍ଚିତ୍ରକୁ ପୁରସ୍କାର ରାଶି ବାବଦରେ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ତଥା ଚଳଚ୍ଚିତ୍ର ନିର୍ମାତା ଅଶୋକ କୁମାର ପଣ୍ଡା ପୁରସ୍କାର ରାଶି ଗ୍ରହଣ କରିଛନ୍ତି । ନଦୀ ଉତ୍ସବରେ ସମୁଦାୟ ୧୨ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଓଡ଼ିଆ ଚଳଚ୍ଚିତ୍ର 'ମହାନଦୀ-କବିଙ୍କ କଳ୍ପନାରେ ନଦୀ'କୁ ପ୍ରଥମ ଚଳଚ୍ଚିତ୍ର ଭାବେ ଉଦଘାଟନ ଦିବସରେ ପ୍ରଦର୍ଶନ ପାଇଁ ସୁଯୋଗ ମିଳିଥିଲା । ଯୁବନାଶ ମିଶ୍ର ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ।

## ଇନକ୍ୟୁବେସନ ସେଣ୍ଟର ପାଇଁ ଇଣ୍ଡେନ ଭେଞ୍ଚର ପକ୍ଷରୁ ଦୁଇ ଲକ୍ଷ ଡଲାରର ପାଣ୍ଠି

ବୁର୍ଲା : ଆଇଆଇଏମ୍ ସମ୍ବଲପୁରକୁ ଆମେରିକାର ଇଣ୍ଡେନ୍ ଭେଞ୍ଚର୍ସ ଆଣ୍ଡ ଇଣ୍ଡସ୍ କ୍ୟାପିଟାଲ ପକ୍ଷରୁ ଇନକ୍ୟୁବେସନ ସେଣ୍ଟର ପାଇଁ ଦୁଇ ଲକ୍ଷ ଡଲାର ପାଣ୍ଠି ପ୍ରଦାନ କରାଯିବ ବୋଲି ଏହାର ଅଧକ୍ଷ ସୁଶାନ୍ତ କୁମାର ପ୍ରତିଶ୍ରୁତି ଦେଇଛନ୍ତି । ଅନୁଷ୍ଠାନର ନବମ ପ୍ରତିଷ୍ଠା ଦିବସରେ ସେ ଯୋଗଦେଇ ଏହା ଘୋଷଣା କରିଛନ୍ତି । ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ଇନକ୍ୟୁବେଟ୍ ପାଇଁ ଉଦ୍ୟୋଗୀ କ୍ଷମତାକୁ ବଢ଼ାଇବା ପାଇଁ ଆଇଆଇଏମ୍ ସମ୍ବଲପୁର ଏବଂ ଇଣ୍ଡିଆ ଏସିଲେରେଟରେ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

## 'ଆମ୍ରପଲ୍ଲି' ଓ 'ବାକି ଥାଉ କିଛି ପ୍ରୀତି' ପୁସ୍ତକ ଲୋକାର୍ପିତ

ସମ୍ବଲପୁର: କବୟିତ୍ରୀ ସସ୍ମିତା କରଙ୍କ ଐତିହାସିକ ଦୀର୍ଘକାବ୍ୟ 'ଆମ୍ରପଲ୍ଲୀ' ଏବଂ କବୟିତ୍ରୀ ରୀତାରାଣୀ ମିଶ୍ରଙ୍କ 'ବାକି ଥାଉ କିଛି ପ୍ରୀତି' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ 'ସେତୁ' ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟଅତିଥି ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ ପୁସ୍ତକ ଦ୍ୱୟକୁ ଉନ୍ମୋଚିତ କରିଛନ୍ତି । ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସେତୁ ସମ୍ପାଦକ ସୁକାନ୍ତ କର ପରିଚାଳନା କରିଥିଲେ । କବୟିତ୍ରୀ ମିଶ୍ରଙ୍କ 'ବାକିଥାଉ କିଛି ପ୍ରୀତି' ପୁସ୍ତକ ଉପରେ ପାଠକୀୟ ମନ୍ତବ୍ୟ ରଖି ଆଲୋଚକ ଡକ୍ଟର ପ୍ରଦୀପ କୁମାର ପଣ୍ଡା କହିଲେ ଯେ, ଆମ ସଭିଙ୍କ ମଧ୍ୟରେ କିଛି କବିପ୍ରାଣତା ରହିଥାଏ । ସାରସ୍ୱତ ଜଗତରେ ନାରୀସ୍ୱର ଓ ଦଳିତ ସ୍ୱର ତୀବ୍ର ଭାବରେ ରହିଛି । ଏହି ପୁସ୍ତକରେ ମଧ୍ୟ ନାରୀର ଅନ୍ତର୍ବେଦନାର ସ୍ୱର ହିଁ ଗଭୀର ଭାବରେ ରହିଛି । କବିତାର ଉଦ୍ଦେଶ୍ୟ କେବଳ ଆମ୍ର ପରିପୁଷ୍ଟି ନୁହେ ବରଂ ଏଥିରୁ ନିର୍ଗତ ଆହ୍ୱାନରେ ହିଁ ସାହିତ୍ୟିକ ଆବେଦନ ରହିଥାଏ । ରୀତାରାଣୀ ମିଶ୍ର ତାଙ୍କ ଲେଖକୀୟ ଅଭିବ୍ୟକ୍ତିରେ ସେ ପାଠ ପଢ଼ିବା ସମୟରେ ତାଙ୍କୁ ଶିକ୍ଷାଦାନ ଦେଉଥିବା ଶିକ୍ଷକମାନଙ୍କ ପ୍ରେରଣା ନେଇ ସେ କବିତା ଲେଖିବା ଆରମ୍ଭ କରିଥିଲେ ଓ ଏହା ତାଙ୍କର ପ୍ରଥମ କାବ୍ୟ ସଂକଳନ ଯାହା ତାଙ୍କ ପାରିବାରିକ ସହଯୋଗରୁ ପ୍ରକାଶିତ ହୋଇ ପାରିଛି ବୋଲି ସେ କହିଥିଲେ । କବୟିତ୍ରୀ ସସ୍ମିତା କରଙ୍କ ଦୀର୍ଘକାବ୍ୟ 'ଆମ୍ରପଲ୍ଲୀ' ଉପରେ ପାଠକୀୟ ମନ୍ତବ୍ୟ ରଖି କବି ସରୋଜ କହିଥିଲେ ଯେ, ଆମ୍ରପଲ୍ଲୀ ଜଣେ ରାଷ୍ଟ୍ରପ୍ରେମୀ ନାରୀ ଥିଲେ । ଯେତେବେଳେ ସେ ଜାଣିପାରିଛନ୍ତି ଯେ ତାଙ୍କ ପ୍ରେମିକ ତାଙ୍କ ରାଷ୍ଟ୍ରର ଶତ୍ରୁ ଅଜାତଶତ୍ରୁର ପ୍ରେମରେ ପଡ଼ିଛନ୍ତି ବୋଲି ସେତେବେଳେ ସେ ଯେଉଁ ମାନସିକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ସେଥିରୁ ମୁକୁଳିବାକୁ ସେ ତଥାଗତଙ୍କ ଶରଣ ନେଇଛନ୍ତି । ନାରୀ କେବଳ ଦେହ ସର୍ବସ୍ୱ ନୁହେଁ ସମାଜରେ ତା'ର ଯେ ଏକ ଉଚ୍ଚ ସ୍ଥାନ ଅଛି ତାହା ତଥାଗତଙ୍କ ବିଚାରରେ ଅବଶ୍ୟ ରହିଥିଲା ଏବଂ ଆମ୍ରପଲ୍ଲୀ ତଥାଗତଙ୍କ ସେହି ମହାନ ବିଚାରର ବାହକ ଥିଲେ । କବୟିତ୍ରୀ କର ତାଙ୍କ ଲେଖକୀୟ ଅଭିବ୍ୟକ୍ତିରେ କହିଲେ ଯେ ତାଙ୍କର ଦ୍ୱିତୀୟ ସଂକଳନରେ ଆମ୍ରପଲ୍ଲୀ ନାମରେ ଏକ ଛୋଟ କବିତା ରହିଥିଲା କିନ୍ତୁ ଏହି ଐତିହାସିକ ଚରିତ୍ରଟି ତାଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ତେଣୁ ସେ ଆହୁରି ଅଧ୍ୟୟନ କରି ଏହି ଦୀର୍ଘ କବିତା ରଚନା କରିଛନ୍ତି । ଶେଷରେ ସେତୁ ଅନୁଷ୍ଠାନର ଉପସଭାପତି ପ୍ରଫେସର ନିକୋଦି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ମୃତ୍ୟୁଞ୍ଜୟ ପଣ୍ଡା, ଅନନ୍ୟା ବେହେରା, ବିଦ୍ୟାର୍ଣ୍ଣ ପଣ୍ଡା, ରବିନାରାୟଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିପିୟୁଟି ଏବଂ ଭିସୁଟ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ବୁର୍ଲା : ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ଇଞ୍ଜିନିୟରିଙ୍ଗ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଖାତା ମୂଲ୍ୟାୟନରେ ସ୍ୱଚ୍ଛତା ଓ ସ୍ୱଚ୍ଛ ସମୟରେ ମୂଲ୍ୟାୟନ ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । ବିପିୟୁଟି ଏବଂ ଭିସୁଟ ମଧ୍ୟରେ ଏଥିନିମନ୍ତେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଯାହା ଆଗାମୀ ତିନିବର୍ଷ ପାଇଁ ବଳବତ୍ତର ରହିବ । ଏହି ବୁଝାମଣା ଆଧାରରେ ବିପିୟୁଟିରେ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଖାତାର ଇ-ମୂଲ୍ୟାୟନ(ଇ ଇଭାଲୁଏସନ) ଭିସୁଟରେ ହେବ ଓ ତ୍ୱରିତ ଫଳ ପ୍ରକାଶ ପାଇବ । ଏହି ବୁଝାମଣା ସମୟରେ ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝୀ ଓ ବିପିୟୁଟିର କୁଳପତି ଅମିୟ କୁମାର ରଥ ଉପସ୍ଥିତ ରହି ଦସ୍ତଖତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପିୟୁଟିର କୁଳସଚିବ ମିସି ପୁନମ ମିଞ୍ଜ, ବିତ୍ତ ନିୟନ୍ତ୍ରକ ସେବତୀ ତ୍ରନସେନା, ପ୍ରଫେସର ପିୟୁଷ ରଞ୍ଜନ ଦାସ ଓ ଭିସୁଟ୍‌ର କୁଳସଚିବ ପ୍ରଦୀପ ଡାଙ୍ଗ, ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତ, ଡିନ ଫେକଲଟି ଓ ପ୍ଲାନିଙ୍ଗର ପ୍ରଫେସର ରମାକାନ୍ତ ପାଣିଗ୍ରାହୀ, ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

# କଳ୍ପନା ଶକ୍ତିର ସୃଜନାତ୍ମକ ପ୍ରୟୋଗ

**କ**ଳ୍ପନା ଶକ୍ତି ବଳରେ ବ୍ୟକ୍ତି ମନମୁତାବକ ସୃଷ୍ଟି ସୃଜନ କରିପାରେ, ମନପସନ୍ଦର ସଫଳତା ହସ୍ତଗତ କରିପାରେ, କିନ୍ତୁ ପ୍ରାୟ ଆମେ ଏହି ଶକ୍ତି ସହିତ ଅନଭିଜ୍ଞ ରହିଥାଉ ଏବଂ ଏହି ନୈସର୍ଗିକ କ୍ଷମତାର ସଦୁପଯୋଗ କରିପାରି ନ ଥାଉ । ଯଦି ଆମେ କଳ୍ପନା ଶକ୍ତି ସମ୍ବନ୍ଧୀୟ ମୌଳିକ ଜ୍ଞାନ ବିଷୟରେ ଅବଗତ ହୋଇଯିବା ଏବଂ ତାହାର ସଦୁପଯୋଗ କରିବା ଆରମ୍ଭ କରିଦେବା, ତେବେ ଆମେ ଜୀବନକୁ ଅଧିକ ସୁଖୀ, ସଫଳ ଓ ଆନନ୍ଦମୟ କରି ପାରିବା ।

କଳ୍ପନା ମାନସିକ କ୍ଷମତାଗୁଡ଼ିକ ମଧ୍ୟରେ ଏକ ବିଶିଷ୍ଟ ଶକ୍ତି, ଯାହା ଦ୍ୱାରା ଆମେ କଳ୍ପିତ ପ୍ରତିମାଗୁଡ଼ିକର ଏକ ପ୍ରକାରେ ପ୍ରୟୋଗ କରିଥାଉ । ଏହା ଆମକୁ ନିଜର ଅତୀତ ଅନୁଭବ ଆଧାରରେ ନୂତନ ବସ୍ତୁ ନିର୍ମାଣ କରିବାରେ ସହାୟତା କରିଥାଏ, ଯାହା ପୂର୍ବରୁ କେବେ ନ ଥିଲା । ଏହି ପ୍ରକାର କଳ୍ପନା ଏକ ମାନସିକ ପ୍ରକ୍ରିୟା, ଯାହାର ଆଧାର ପୂର୍ବ ଅନୁଭବ ହୋଇଥାଏ । ଏହା ବିନା କଳ୍ପନା ସାକାର ରୂପ ନେଇପାରି ନ ଥାଏ । କଳ୍ପନା ପାଇଁ ଏକ ଧରାତଳ ବା ଅସ୍ତିତ୍ୱର ଆବଶ୍ୟକତା ଥାଏ । ପୂର୍ବ ଅନୁଭବ ଧରାତଳ ରୂପେ କଳ୍ପନାକୁ ସହାୟତା ଦେଇଥାଏ ।

ଏହିପରି କଳ୍ପନା ଦୂରସ୍ଥ ବା ବର୍ତ୍ତମାନର ଅମୂର୍ତ୍ତ ବସ୍ତୁଗୁଡ଼ିକ ସମ୍ବନ୍ଧୀୟ ଚିନ୍ତନ ଅଟେ, ଯାହାକୁ ଆମେ ନିଜର ସଂକଳ୍ପ ଓ ପୁରୁଷାର୍ଥର ଆଧାରରେ ସାକାର କରିଥାଉ । କଳ୍ପନା ମାଧ୍ୟମରେ ଆମେ କୌଣସି ଅମୂର୍ତ୍ତ ବିଚାର ବା ବସ୍ତୁର ଭିଜୁଆଲାଇଜେସନ ବା ମାନସିକ ଦର୍ଶନ କରିଥାଉ, ନିଜ ମସ୍ତିଷ୍କରେ ଏହାର ପ୍ରତିମାକୁ ସ୍ଥାପନ କରିଥାଉ, ପୁଣି ଏହି ଦିଶାରେ ପ୍ରୟାସ ଆରମ୍ଭ ହୋଇଥାଏ । ବୁଦ୍ଧି ମାଧ୍ୟମରେ କଳ୍ପନା ଗୁଡ଼ିକର କାଟଛାଣ୍ଟ ହୋଇଥାଏ, ଇଚ୍ଛାଶକ୍ତି ମାଧ୍ୟମରେ ଏହାକୁ ମୂର୍ତ୍ତି ରୂପ ଦିଆଯାଏ । ଭାବନାଗୁଡ଼ିକ ଏଥିରେ ଇନ୍ଧନର କାମ କରିଥାନ୍ତି, ତ ଅନ୍ତଃପ୍ରଜ୍ଞା ଏହା ସହିତ ଜଡ଼ିତ ତ୍ୱରିତ ନିର୍ଣ୍ଣୟ ନେବାରେ ସହାୟକ ହୋଇଥାଏ ।

ଏହି ପ୍ରକାର କଳ୍ପନା ଶକ୍ତି ବ୍ୟକ୍ତିର ଯୋଜନା ଶକ୍ତି ଅଟେ, ଯାହା ମାଧ୍ୟମରେ ଆମେ ନିଜ ଜୀବନର ଭବ୍ୟତମ ରୂପର ସୃଜନ କରିଥାଉ । ଏଣୁ କଳ୍ପନା ହେଉଛି ନିଜ ସୃଷ୍ଟିକୁ ଗଢ଼ିବାର ଶ୍ରେଷ୍ଠ ମାଧ୍ୟମ । ବ୍ୟାବହାରିକ ଭାଷାରେ ଏହାକୁ ସ୍ୱପ୍ନ ଦେଖିବା ମଧ୍ୟ କୁହାଯାଇପାରେ, ଯାହା ଜୀବନର ଯେକୌଣସି କ୍ଷେତ୍ରରେ ମଧ୍ୟ ହୋଇପାରେ । ଯିଏ ସ୍ୱପ୍ନ ଦେଖିବ, ସେ ହିଁ କଳ୍ପନାଶୀଳତାର ସୋପାନ ଚଢ଼ି ଶ୍ରମ ସାଧନା ଦ୍ୱାରା ଲକ୍ଷ୍ୟକୁ ପ୍ରାପ୍ତ କରି ପାରିବ । ଲକ୍ଷ୍ୟାନୁରୂପ ପ୍ରୟାସ କରିବାର ଦିଶା ନିର୍ଣ୍ଣୟ କରିବା କଳ୍ପନା ଶକ୍ତିର ହିଁ କାର୍ଯ୍ୟ । କଳ୍ପନାଶୀଳତା ଦ୍ୱାରା ଯୋଜନାର ପ୍ରାରୂପ ପ୍ରସ୍ତୁତ କରିବାରେ ସହାୟତା ମିଳିଥାଏ । ସେଥିରେ ଭାବୀ ଦୃଷ୍ଟିକୋଣ ସମାହିତ ରହିଥାଏ । ବ୍ୟକ୍ତିର ମାନସକୁ ଝଙ୍କୃତ କରି ଜୀବନକୁ ଉଚିତ ଦିଶାରେ ପ୍ରବୃତ୍ତ କରାଇବା କଳ୍ପନାଶୀଳତା ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଏହି ପ୍ରକାର ଜୀବନର ସମସ୍ତ କ୍ଷେତ୍ରରେ ଲକ୍ଷ୍ୟ ପ୍ରସ୍ତୁତ କରିବାର କାର୍ଯ୍ୟ, କାର୍ଯ୍ୟ ସହିତ ପୂର୍ଣ୍ଣ ମନୋଯୋଗ ଓ ସ୍ଫୁର୍ତି ଯୁକ୍ତ ରହିବାର ମାର୍ଗକୁ କଳ୍ପନା ପ୍ରଶସ୍ତ କରିଥାଏ ।

କଳ୍ପନା ସହିତ ଆପଣ କେଉଁଠି ବି ବିଚରଣ ପାରିବେ ଏବଂ କିଛି ବି କରି ପାରିବେ । ଯଥାର୍ଥ ସଂସାରର ସୀମା ଅଛି, କିନ୍ତୁ କଳ୍ପନା ଜଗତର ସୀମା ନାହିଁ । ଏଥିପାଇଁ କୁହାଯାଇଛି - 'ଯେଉଁଠି ନ ପହଞ୍ଚେ ରବି, ସେଇଠି ପହଞ୍ଚେ କବି' । ବାସ୍ତବରେ କଳ୍ପନା ସହିତ ଆମେ ସେହି ଲୋକରେ ପହଞ୍ଚିଯାଉ, ଯାହା କେବେ ବି ନ ଥିଲା, ଯଦ୍ୟପି ବିନା କଳ୍ପନାରେ ଆମେ କେଉଁଠିକୁ ଯାଇ ପାରିବା ନାହିଁ । କେହି ଜଣେ ଠିକ୍ ହିଁ କହିଛନ୍ତି ଯେ ଆଜି ଯାହା ପ୍ରମାଣିତ ହୋଇ ସାରିଛି, ମୂର୍ଖ ଅଟେ, ତାହା କେବେ କଳ୍ପନା ମାତ୍ର ଥିଲା ।

ଏହିପରି କଳ୍ପନା ମାଧ୍ୟମରେ ଆମକୁ ନିଜ ଭାବୀ ଜୀବନର ଝଲକ ମିଳିଥାଏ । ବ୍ୟକ୍ତି କଳ୍ପନାର ଆଧାରରେ ଭାବୀ ଜୀବନର ରଣନୀତି ପ୍ରସ୍ତୁତ କରିଥାଏ ଏବଂ ତାହାକୁ ବ୍ୟବହାରରେ ଦେଖାଇ ଥାଏ । କଳ୍ପନା ସହିତ ବୌଦ୍ଧିକ ପ୍ରଖରତା ତୀବ୍ର ହୋଇଥାଏ, ଜ୍ଞାନାର୍ଜନରେ ତୀବ୍ରତା ଆସିଥାଏ । ଚିନ୍ତନ ଓ ତର୍କରେ କଳ୍ପନାର ବାହୁଲ୍ୟ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ । କଳ୍ପନା ଶକ୍ତିର ପ୍ରୟୋଗ କରି ବ୍ୟକ୍ତି ନିଜର ରୁଚିରେ ପରିଷ୍କାର ଅଥବା ସୁଧାର କରିଥାଏ ।

ଏହି ଆଧାରରେ କଳ୍ପନା ଦ୍ୱାରା ନିରାଶାର ନିବାରଣ ହୋଇଥାଏ ଏବଂ ଦୁଃଖ ଆଦିରୁ ମୁକ୍ତି ମିଳିଥାଏ ତଥା ଜୀବନ ଅଧିକ ସୁଖୀ, ସମୁନ୍ନତ ଓ ସୁନ୍ଦର ହୋଇଥାଏ । କିନ୍ତୁ ଯଦି ଭାବ ନକାରାତ୍ମକ ରହେ, ତେବେ ମନରେ ଅନେକ ପ୍ରକାର ସଂଶୟ, ଆବେଗ ଓ ଆବେଶ ମଧ୍ୟ କଳ୍ପନା ଦ୍ୱାରା ଉତ୍ପନ୍ନ ହୋଇଥାଏ ।

ଏଣୁ କଳ୍ପନା ଯେଉଁଠି ନିଜର ସକାରାତ୍ମକ ରୂପେ ସୃଜନର ଆଧାର ହୋଇଥାଏ, ସେଠାରେ ନକାରାତ୍ମକ ରୂପେ ଏହା କୁକଳ୍ପନାର ରୂପ ନେଇ ଜୀବନକୁ ମଧ୍ୟ ନରକ ତୁଲ୍ୟ କରିଦିଏ । ଜୀବନର ସମସ୍ତ ଭୟକୁ ଅଧିକାଂଶତଃ କଳ୍ପିତ ବୋଲି କୁହାଯାଇଛି, ଯାହା ମଧ୍ୟରୁ ଏକ ତୃତୀୟାଂଶ ମଧ୍ୟ ବାସ୍ତବରେ ଘଟିତ ହୋଇ ନଥାଏ । ଏଣୁ ନକାରାତ୍ମକ କଳ୍ପନା ଉପରେ ନିୟନ୍ତ୍ରଣ କରିବା ଅତି ଆବଶ୍ୟକ ହୋଇଯାଏ ।

ଜୀବନରେ କଳ୍ପନା ଶକ୍ତିର ମହତ୍ତ୍ୱକୁ ଦେଖି ଏହାର ବିକାଶର ଯଥାସମ୍ଭବ ପ୍ରୟାସ ଚାଲିବା ଆବଶ୍ୟକ । କଳ୍ପନା ଶକ୍ତିକୁ ବଢ଼ାଇବା ପାଇଁ ନିଜର ଉତ୍ସୁକତାକୁ କାଏମ ରଖନ୍ତୁ, ନିଜର ଜିଜ୍ଞାସାକୁ ମରିବାକୁ ଦିଅନ୍ତୁ ନାହିଁ ଏବଂ ସବୁବେଳେ କିଛି ନୂତନ କରୁଥାନ୍ତୁ ତଥା ନିଜ ରୁଚିର ବିସ୍ତାର କରନ୍ତୁ । ଏହା ସହିତ ବହୁତ ଅଧ୍ୟୟନ କରନ୍ତୁ । ନୂଆ ନୂଆ ପୁସ୍ତକ କଳ୍ପନା ଶକ୍ତିର ଲୁକ୍କାୟିତ କ୍ଷମତାକୁ ପ୍ରଜ୍ୱଳିତ କରିବାର କାମ କରିଥାଏ, ନୂତନ ବିଚାର ସୃଜନ କରିଥାଏ ତଥା କଳ୍ପନାକୁ ନୂଆ ଉଡ଼ାଣ ଦେବାର ଆଧାର ହୋଇଥାଏ ।

ଅଧ୍ୟୟନ ସାଙ୍ଗକୁ ଡାଏରି ଲେଖି ନିଜର ବିଚାରଗୁଡ଼ିକ ବ୍ୟକ୍ତ କରନ୍ତୁ । ନିତ୍ୟ ନୂତନ କାର୍ଯ୍ୟ ଯୋଜନା ତିଆରି କରନ୍ତୁ । ଏହାକୁ ମୂର୍ତ୍ତ କରିବାର ବ୍ୟାବହାରିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତୁ ଏବଂ ଏଗୁଡ଼ିକୁ କ୍ରିୟାନ୍ୱିତ କରନ୍ତୁ । ଏକ ସରଳ ଲକ୍ଷ୍ୟ ବାଛନ୍ତୁ, ତାହାକୁ ହାସଲ କରନ୍ତୁ । ବସ୍ତୁଗୁଡ଼ିକୁ ବୁଝିବାକୁ ଚେଷ୍ଟା କରନ୍ତୁ, ଘୋଷନ୍ତୁ ନାହିଁ । ତର୍କ-ବିତର୍କ କରନ୍ତୁ । ନୂତନ ଅନାନ୍ୱେଷିତ ମାର୍ଗ ପାଇଁ ପ୍ରସ୍ତୁତ ରହନ୍ତୁ । ମନକୁ ଖୋଲା ରଖନ୍ତୁ । ବସ୍ତୁଗୁଡ଼ିକୁ ଭିନ୍ନ ନଜରରେ ଦେଖନ୍ତୁ । କିଛି ସମୟ ସୃଜନାତ୍ମକ ଲୋକଙ୍କ ସହିତ ବିତାନ୍ତୁ । କାହାଣୀ ଗୁଡ଼ିକୁ ଶୁଣାନ୍ତୁ ତଥା ନିଜ ପ୍ରତିଭାର ବିକାଶ କରନ୍ତୁ ।

ଏସବୁ ସହିତ ମନକୁ ଧ୍ୟାନ ମାଧ୍ୟମରେ ବିଶ୍ରାନ୍ତ ରଖିବା ଶିଖନ୍ତୁ । ଶାନ୍ତ-ସ୍ଥିର ମନ କଳ୍ପନା ଶକ୍ତିର ବିକାଶ ପାଇଁ ବହୁତ ସହାୟକ ହୋଇଥାଏ, ଅଧିକନ୍ତୁ ଏହି ସନ୍ତୁଳିତ ମନଃସ୍ଥିତିର ଗର୍ଭରେ କଳ୍ପନାଗୁଡ଼ିକର ଉଡ଼ାଣ ନିଜର ଚରମ ଶିଖର ଦିଗରେ ବଢ଼ିଥାଏ ।

ମହାନ୍ ବୈଜ୍ଞାନିକ ଆଇନ୍‌ଷ୍ଟାଇନଙ୍କ ଶବ୍ଦରେ କଳ୍ପନା ଜ୍ଞାନଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, କାରଣ ଜ୍ଞାନ ସୀମିତ । ଯଦ୍ୟପି କଳ୍ପନାର ପରିଧିରେ ତ ପୂରା ବିଶ୍ୱ ଆସିଥାଏ । ଜର୍ଜ ବର୍ଣ୍ଣାଡ ଶ' କହିଛନ୍ତି ଯେ କଳ୍ପନା ସୃଜନର ଶୁଭାରମ୍ଭ ଅଟେ ।

ଆପଣ ଯାହା ଆଶା କରନ୍ତି, ତାହାର କଳ୍ପନା କରିଥାନ୍ତି, ଯାହାର କଳ୍ପନା ଆପଣ କରନ୍ତି, ତାହାର ଇଚ୍ଛା କରିଥାନ୍ତି ଏବଂ ଶେଷରେ ଆପଣ ଯାହାର ଇଚ୍ଛା କରନ୍ତି, ତାହାର ସୃଜନ କରିଥାନ୍ତି । ବାସ୍ତବରେ କଳ୍ପନା ଆତ୍ମାର ଆଖି । ଏହା ଦ୍ୱାରା ଆପଣ ଜୀବନର ଉଜ୍ଜ୍ୱଳ, ସୁନ୍ଦର ତଥା ବିଶାଳ ସ୍ୱପ୍ନକୁ ଦେଖି ପାରନ୍ତି, ସେହି ଅନୁରୂପ ଆପଣଙ୍କ ଜୀବନରେ ଭବ୍ୟ, ଦିବ୍ୟ ଓ ବିରାଟ ସୃଷ୍ଟିର ସୃଜନ ହୋଇଥାଏ ଏବଂ ଜୀବନ ସୁକୃତି ଦିଗରେ ଅଗ୍ରସର ହୋଇଥାଏ ।

# ସନ୍ତୋଷ ହେଉଛି ଅନୁପମ ସମ୍ପଦ

**ସ**ନ୍ତୋଷ ହେଉଛି ଅନୁପମ ସମ୍ପଦ । ମନୁଷ୍ୟର ଅସନ୍ତୋଷର ଅନେକ କାରଣ ଥାଏ । ଏହା ଜୀବନରେ ମାନସିକ ବ୍ୟଗ୍ରତା ଉତ୍ପନ୍ନ କରିବା ସହିତ ବୌଦ୍ଧିକ କ୍ଷମତାକୁ ବିକ୍ଷୁବ୍ଧ କରିଦିଏ । ଏହାର ପରିଣାମ ସ୍ୱରୂପ ନିରାଶା, ଉଦାସୀନତା, ଚାପ, ଉଦ୍‌ବେଗ, ଆବେଗ, ଦ୍ୱେଷ ଓ ମାନସିକ ପୀଡ଼ାରେ ଆମେ ଏତେ ଦବିଯାଉ ଯେ ଆମେ କୌଣସି କାର୍ଯ୍ୟ କରିବା ପାଇଁ ନିଜର କ୍ଷମତା ହରାଇ ଦେଉ ।

ଗୋଟିଏ ପ୍ରସିଦ୍ଧ ଲୋକୋକ୍ତି ରହିଛି – 'ସନ୍ତୋଷୀ ସଦା ସୁଖୀ', ଅର୍ଥାତ୍ ଯିଏ ସନ୍ତୁଷ୍ଟ, ସେ ସୁଖୀ । ସନ୍ତୋଷ ମାନବ ଜୀବନର ଶୃଙ୍ଗାର । କୁହାଯାଏ, ଯାହାର ମୁଖମଣ୍ଡଳ ଚମକୁ ଥାଏ, ସେ ସନ୍ତୁଷ୍ଟ ରହିଥାଏ, କିନ୍ତୁ ଦୁର୍ଭାଗ୍ୟବଶତଃ ସଂସାରରେ ଏପରି ଖୁବ୍ କମ୍ ଲୋକ ଥିବେ, ଯେଉଁମାନେ ସନ୍ତୁଷ୍ଟିରୁ ଉତ୍ପନ୍ନ ମିଠା ଫଳର ସ୍ୱାଦ ଚାଖିଥିବେ ।

ଜୀବନ ସାରା ଆମେ ଆହୁରି ଅଧିକ, ଆହୁରି ଅଧିକ କରି ବିତାଇ ଦେଉ ଏବଂ ଶେଷରେ ଅସନ୍ତୁଷ୍ଟ ରହି ମୃତ୍ୟୁବରଣ କରୁ । ନୂଆ ଜନ୍ମ ପାଇବା ମାତ୍ରେ ଆମେ ସେଇ ଧାଁ-ଦଉଡ଼ ପୁଣି ଆରମ୍ଭ କରିଦେଉ । ଏହି କ୍ରମ ଆମେ ସନ୍ତୋଷ ଓ ସନ୍ତୁଷ୍ଟତାର ଗୁଣ ଧାରଣ ନ କରିବା ପର୍ଯ୍ୟନ୍ତ ଚାଲିଥାଏ । ଯିଏ ସର୍ବଦା ସନ୍ତୁଷ୍ଟ ଥାଏ, ସେ ସର୍ବଦା ପ୍ରସନ୍ନ ରହେ ।

ଅଧିକାଂଶ ଲୋକଙ୍କ ମନରେ ସନ୍ତୋଷର ଅବଧାରଣାକୁ ନେଇ ବହୁତ ଭ୍ରମର ସ୍ଥିତି ଥାଏ । ଏହାକୁ ଯଥାର୍ଥ ବିଧିରେ ନ ବୁଝିବା ପର୍ଯ୍ୟନ୍ତ ଏହା ଏକ ଭ୍ରମ ସମାନ ଅନୁଭବ ହୋଇଥାଏ । ସନ୍ତୋଷକୁ ବୁଝିବା ପାଇଁ ଏହାର ବିପରୀତ ପକ୍ଷକୁ ବୁଝିବା ଆବଶ୍ୟକ । ବିଶେଷଜ୍ଞଙ୍କ ଅଧ୍ୟୟନ ଅନୁସାରେ ସନ୍ତୋଷ ତିନି ପ୍ରକାରର ହୋଇଥାଏ । ପ୍ରଥମ ଈଶ୍ୱରଙ୍କ ପ୍ରତି ସନ୍ତୁଷ୍ଟ ରହିବା ଅର୍ଥାତ୍ ଈଶ୍ୱର ଯେତେବେଳେ ଯେତିକି ଓ ଯେମିତି ଦେଇଛନ୍ତି, ସେଥିରେ ସନ୍ତୁଷ୍ଟ ରହିବା । ଦ୍ୱିତୀୟରେ ନିଜେ ନିଜ ପ୍ରତି ସନ୍ତୁଷ୍ଟ ରହିବା ଅର୍ଥାତ୍ ନିଜେ ନିଜକୁ ନିଜ ଗୁଣ-ଅବଗୁଣ ଗୁଡ଼ିକ ସହିତ ସ୍ୱୀକାର କରିବା ଏବଂ ତୃତୀୟରେ ସର୍ବସମ୍ବନ୍ଧ ଓ ସମ୍ପର୍କରେ ସନ୍ତୁଷ୍ଟ ରହିବା ଅର୍ଥାତ୍ ପ୍ରତ୍ୟେକ ଆତ୍ମାକୁ ତା'ର ଗୁଣ-ଅବଗୁଣଗୁଡ଼ିକ ସହିତ ସ୍ୱୀକାର କରି ପ୍ରତ୍ୟେକ ମଧ୍ୟରେ କୌଣସି ନା କୌଣସି ସକାରାତ୍ମକତାର ଭାବକୁ ଖୋଜିବା ।

ସନ୍ତୋଷ ପ୍ରତ୍ୟକ୍ଷ ରୂପେ ପ୍ରସନ୍ନତା ଦେଇଥାଏ । ଏହି ପ୍ରସନ୍ନତା ଆଧାରରେ ପ୍ରତ୍ୟକ୍ଷ ଫଳସ୍ୱରୂପ ସମସ୍ତଙ୍କ ଦ୍ୱାରା ସ୍ୱତଃ ଏପରି ଲୋକଙ୍କର ପ୍ରଶଂସା ହୋଇଥାଏ । ସନ୍ତୋଷ ଏକ ଅଦ୍ୱିତୀୟ ସଦ୍‌ଗୁଣ । ଏହାର ଚିହ୍ନ ହେଉଛି ପ୍ରସନ୍ନତା ଓ ତାହାର ପ୍ରତ୍ୟକ୍ଷ ଫଳ ପ୍ରଶଂସା । ଆମେ ସ୍ୱୟଂକୁ ଦେଖିବା କଥା ଯେ ଆମେ ସର୍ବଦା ସ୍ୱୟଂ ସନ୍ତୁଷ୍ଟ ଓ ପ୍ରସନ୍ନ ରହୁଛେ କି ନାହେଁ, ଯଦି ହଁ ତ ସବୁ ଲୋକ ଏପରି ବ୍ୟକ୍ତିର ପ୍ରଶଂସା କରିବେ ।

ଅସନ୍ତୁଷ୍ଟ ଲୋକଙ୍କ ଭିତରେ ପବନରେ ମହଲ ଗଢ଼ିବାର ଅଭ୍ୟାସ ଥାଏ, ଯେତେବେଳେ କି ବାସ୍ତବରେ ଏପରି ଲୋକେ ଜୀବନରେ କେବେ ବି କିଛି କରି ପାରନ୍ତି ନାହିଁ, କାରଣ ସେମାନେ ସମ୍ପୂର୍ଣ୍ଣ ଭାବରେ ବୁଝି ପାରନ୍ତି ନାହିଁ ଯେ ଜୀବନରେ ଦୁଇ ପ୍ରାନ୍ତକୁ ଯୋଡ଼ିବା ପାଇଁ କଠିନ ପରିଶ୍ରମ ଓ ପୁରୁଷାର୍ଥ ଅନିବାର୍ଯ୍ୟ । ଏଣୁ ଏହା କହିବା ଉଚିତ ହେବ ଯେ କେବଳ ଉପଯୁକ୍ତ ବୁଦ୍ଧିମତ୍ତା ଓ ବିଚାରଶୀଳତାର ସହିତ ବାସ୍ତବ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ହେବ ।

ପବନରେ ନିର୍ମିତ ମହଲ କ୍ଷଣିକ ମଧ୍ୟରେ ଅଦୃଶ୍ୟ ହୋଇଯାଏ, ତେଣୁକରି ଆମେ ବୁଝିବା ଦରକାର ଯେ ଭୋଜନ ଯେପରି ଶରୀରକୁ ସମ୍ଭାଳେ, ସେହିପରି ଖୁସୀ ଦ୍ୱାରା ମନ ସୁସ୍ଥ ରହେ । ଖୁସୀ ସମାନ ଉତ୍ତମ ଖୋରାକ କିଛି ନାହିଁ । ଯେଉଁମାନେ ସନ୍ତୁଷ୍ଟ, ସେମାନେ ହିଁ ସର୍ବଦା ଖୁସୀରେ ଥାଆନ୍ତି । ଆଲ୍‌ଫ୍ରେଡ ନୋବେଲ କହିଥିଲେ– 'ସନ୍ତୋଷ ହିଁ ଅସଲ ଧନ ।' ତେଣୁ ଆମେ ସନ୍ତୋଷ ରୂପୀ ଧନକୁ ଛାଡ଼ି ଅନ୍ୟ ପ୍ରକାର ଧନ ହାସଲ କରିବା ପଛରେ ନିଜର ଅମୂଲ୍ୟ ସମୟ ରୂପୀ ଧନ ବରବାଦ କରିବା ଅନୁଚିତ, କାରଣ ସନ୍ତୋଷ ସମାନ କୌଣସି ଖୁସୀ ନାହିଁ । ସନ୍ତୋଷ ସମକକ୍ଷ କିଛି ବି ନାହିଁ । ଯଦି ଆମେ ସନ୍ତୁଷ୍ଟ ହୋଇଯିବା ତ ଆମର ସମସ୍ତ କଷ୍ଟ ସ୍ୱତଃ ସମାପ୍ତ ହୋଇଯିବ ।

ସେଥିପାଇଁ ଆମେ ଏଥିପ୍ରତି ଅବଶ୍ୟ ଧ୍ୟାନ ଦେବା ଆବଶ୍ୟକ । ଅସନ୍ତୁଷ୍ଟ ରହିବା ହିଁ ସବୁ ସମସ୍ୟାର ମୂଳ, ଏହା ଯୋଗୁଁ କଷ୍ଟ ଆସିଥାଏ । ସନ୍ତୋଷ ଜୀବନର ସାର । ଜୀବନର ଗତି-ପ୍ରଗତି ସନ୍ତୋଷର ଚକ ଉପରେ ଅବଲମ୍ବିତ । ଏଣୁ ଆମେ ସର୍ବଦା ସନ୍ତୁଷ୍ଟ ରହିବାର ପ୍ରୟାସ କରିବା ଜରୁରୀ ।

## ଆଜିର ଚିନ୍ତନ

**ମା**ନବୀୟ ଅନ୍ତଃକରଣର ଶକ୍ତିର ନାମ ହିଁ ଶ୍ରଦ୍ଧା । ସ୍ଥୂଳଶରୀରର ଶକ୍ତି ଯଦି କ୍ରିୟାଶୀଳତା ଦ୍ୱାରା ପ୍ରମାଣିତ ହୋଇଥାଏ ତ ସୂକ୍ଷ୍ମଶରୀରର ଶକ୍ତି ଚିନ୍ତନଶୀଳତା ଦ୍ୱାରା ସିଦ୍ଧ ହୋଇଥାଏ । କାରଣ ଶରୀରରେ, ଅନ୍ତଃକରଣରେ ଶକ୍ତିକୁ ମାପିବାର ଆଧାର ଭାବ ସମ୍ବେଦନା ହୋଇଥାଏ । ସମଗ୍ରତାର ମୂଲ୍ୟାଙ୍କନ କଲେ ଜଣା ପଡ଼ିବ ଯେ ମନୁଷ୍ୟ ଯାହା ବି କରିପାରେ, ତାହାକୁ କରି ପାରିବାର ମୂଳ ଆଧାର ତା'ର ଅନ୍ତଃକରଣରେ ଉଠୁଥିବା ଉତ୍ସାହ, ଭାବନା ଓ ପ୍ରେରଣା ହିଁ ହୋଇଥାଏ । ଅନ୍ତଃକରଣରେ ବ୍ୟାପ୍ତ ଏହି ଭାବଚେତନା ଘନୀଭୂତ ହୋଇଯିବା, ସଦୁଦ୍ଦେଶ୍ୟ ପ୍ରତି ନିୟୋଜିତ ହୋଇଯିବା ଶ୍ରଦ୍ଧା ମାଧ୍ୟମରେ ହିଁ ସମ୍ଭବ ହୋଇପାରେ ।

ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି - 'ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ' ଅର୍ଥାତ୍ ଯାହାର ଶ୍ରଦ୍ଧା ଯେପରି, ସେ ସେହିପରି ହୋଇଯାଏ । ଚିନ୍ତନଶୀଳତା ଓ କ୍ରିୟାଶୀଳତା, ବୁଦ୍ଧି ଓ ଶରୀର ତ ବସ୍ତୁତଃ ଶ୍ରଦ୍ଧାର ଅନୁଗାମୀ ହୋଇଥାଏ । ଭାବନାତ୍ମକ ସଂବଦ୍ଧତା ବିନା କରାଯାଇଥିବା କାର୍ଯ୍ୟ ବୋଝ ମନେହୁଏ, କିନ୍ତୁ ଶ୍ରଦ୍ଧାଯୁକ୍ତ ଅନ୍ତଃକରଣର ପ୍ରଭାବରେ କରାଯାଉଥିବା କାର୍ଯ୍ୟ ସୌଭାଗ୍ୟ ପ୍ରତୀତ ହୋଇଥାଏ ।

ଶ୍ରଦ୍ଧା ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ନିର୍ମାଣ କରିବାର ଶକ୍ତି । ମନୁଷ୍ୟର ଶ୍ରଦ୍ଧା ଯେପରି ହୋଇଥାଏ, ସେପରି ସଂକଳ୍ପ ପ୍ରବଳ ହୋଇଥାଏ ଏବଂ ସଂକଳ୍ପର ଦିଶା ହିଁ ଜୀବନରେ ପରିଣାମକୁ ନେଇ ଆସିଥାଏ, ଏହା ସର୍ବବିଦିତ ।

ଶାସ୍ତ୍ରଗୁଡ଼ିକରେ କୁହାଯାଇଛି- 'ଶିବୋ ଭୂତ୍ୱା ଶିବଂ ଯଜେତ୍' – ଅର୍ଥାତ୍ ସ୍ୱୟଂ ଶିବ ରୂପ ହୋଇ ହିଁ ଶିବଙ୍କର ଉପାସନା କରିବା ଉଚିତ । ଅଭୀଷ୍ଟ ପ୍ରତି ଅଭିନ୍ନ ଆତ୍ମୀୟତାର ଅନୁଭୂତି ଥିବା ଏବଂ ସେପରି ହେବା ପାଇଁ ନିଜର ପ୍ରୟାସ ଥିବା ଶ୍ରଦ୍ଧା ହିଁ ପ୍ରକୃତ ଶ୍ରଦ୍ଧା ।

ସେଥିପାଇଁ ଗୋସ୍ୱାମୀ ତୁଳସୀଦାସଜି ଲେଖିଛନ୍ତି-
ଭବାନୀଶଙ୍କରୌ ବନ୍ଦେ, ଶ୍ରଦ୍ଧାବିଶ୍ୱାସ ରୂପିଣୌ ।
ଯାଭ୍ୟାଂ ବିନା ନ ପଶ୍ୟନ୍ତି, ସିଦ୍ଧାଃ ସ୍ୱାନ୍ତଃସ୍ଥମୀଶ୍ୱରମ୍ ।

ଅର୍ଥାତ୍ ସେହି ଶ୍ରଦ୍ଧା-ବିଶ୍ୱାସ ରୂପୀ ଭବାନୀ ଓ ଶଙ୍କରଙ୍କର ବନ୍ଦନା ମୁଁ କରୁଛି, ଯାହାଙ୍କ ବିନା ଅନ୍ତଃକରଣରେ ଅବସ୍ଥିତ ପରମାତ୍ମା ସତ୍ତାକୁ ସିଦ୍ଧଜନ ଦେଖି ପାରନ୍ତି ନାହିଁ ।

ବର୍ଷ ୨୭, ସଂଖ୍ୟା- ୪୦, ୧ - ୭ ଅକ୍ଟୋବର ୨୦୨୩

# ଜାତୀୟ ରାଜପଥ ଯନ୍ତ୍ରଣା ଅସହ୍ୟ

୫୫ ନମ୍ବର ଜାତୀୟ ରାଜପଥର କଟକ -ଅନୁଗୋଳ-ସମ୍ବଲପୁର ରାଜପଥ ସମ୍ପ୍ରସାରଣ କାମ ସରିବାର ନାଁ ଧରୁନାହିଁ । ଏହି ବିଳମ୍ବିତ ବିକାଶ ଲୋକଙ୍କ ପାଇଁ ବେଶ୍ ଯନ୍ତ୍ରଣାଦାୟକ ହୋଇଛି । ଏହି ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପ୍ରାୟ ୪୦୦ ଅଧିକ ଲୋକଙ୍କ ଜୀବନ ଯାଇଛି ଏବଂ ଏହାମଧ୍ୟରୁ କେବଳ ଗତ ଦୁଇବର୍ଷରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ୪ ଥର ରାସ୍ତା ନିର୍ମାଣ ପାଇଁ ଧାର୍ଯ୍ୟ ସମୟସୀମାରେ ପରିବର୍ତ୍ତନ ହୋଇଥିଲେ ହେଁ ଏଯାବତ୍ କାମ ସରିପାରି ନାହିଁ ।

୨୦୧୭ ମସିହାରୁ ଜାତୀୟ ରାଜପଥ ପ୍ରାଧିକରଣ କଟକ-ଅନୁଗୋଳ - ସମ୍ବଲପୁର ଜାତୀୟ ରାଜପଥ- ୫୫ର ୪ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ କରୁଛି । ଇତିମଧ୍ୟରେ ୫ ବର୍ଷ ସରିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସରୁନାହିଁ । ଜାତୀୟ ରାଜପଥ-୫୫ ପଶ୍ଚିମ ଓଡ଼ିଶାର ଲକ୍ଷାଧିକ ଲୋକଙ୍କ ପାଇଁ ଜୀବନରେଖା ହୋଇଥିବା ସତ୍ତ୍ୱେ କେନ୍ଦ୍ର ସରକାର ଏହି ରାଜପଥକୁ ନେଇ ଅତ୍ୟନ୍ତ ଖାମଖିଆଲି ମନୋଭାବ ପୋଷଣ କରିଛନ୍ତି । ୨୬୫ କିଲୋମିଟର ବିଶିଷ୍ଟ ଏହି ରାଜପଥକୁ ମୋଟ ୩ଟି ସ୍ତରରେ କାର୍ଯ୍ୟକାରୀ କରାଯାଉଛି । ତନ୍ମଧ୍ୟରୁ କଟକରୁ ଅନୁଗୋଳ ସେକ୍ସନ(୦,୪୦୦ କିମିରୁ ୬୦.୨୦୦ କିମି) ୨୦୨୦ ମସିହା ଜୁଲାଇ ୧୭ ତାରିଖ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ଏଯାବତ୍ ଏହି ସେକ୍ସନର ୭୫ ପ୍ରତିଶତ କାମ ଶେଷ ହୋଇ ପାରିଛି । ସେହିପରି କଟକରୁ ଅନୁଗୋଳ ସେକ୍ସନ (୬୦.୨୦୦କିମିରୁ ୧୧୨ କିମି) ଅର୍ଥାତ୍ ସେକ୍ସନ-୨ର ନିର୍ମାଣ କାର୍ଯ୍ୟ ୨୦୨୦ ମସିହା ସେପ୍ଟେମ୍ବର ମାସ ସୁଦ୍ଧା ସରିବାକୁ ସମୟସୀମା ଧାର୍ଯ୍ୟ ହୋଇଥିଲା । ମାତ୍ର ଏଯାବତ୍ ଏହି ସେକ୍ସନର ୬୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇପାରିଛି । ଅନୁଗୋଳ-ସମ୍ବଲପୁର ସେକ୍ସନ (୧୧୨ କିମିରୁ ୨୬୫ କିମି) ଅର୍ଥାତ୍ ସେକ୍ସନ-୩ର ନିର୍ମାଣ କାର୍ଯ୍ୟ ୨୦୧୯ ମସିହା ସେପ୍ଟେମ୍ବର ସୁଦ୍ଧା ସାରିବାକୁ ଏନଏଚଏଆଇ ଲକ୍ଷ୍ୟ ରଖିଥିଲା । ମାତ୍ର ଏହି ଲକ୍ଷ୍ୟ ବି ଏଯାବତ୍ ପୂରଣ ହୋଇପାରିଲା ନାହିଁ । ଏହି ସେକସନର ଆହୁରି ୨୦ ପ୍ରତିଶତ କାର୍ଯ୍ୟ ଶେଷ ହେବାକୁ ବାକିଅଛି । ଏନଏଚଆଇର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କଲେ ଏହି ୩ ଗୋଟି ସେକ୍ସନର ନିର୍ମାଣ କାର୍ଯ୍ୟ ଯେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସରିବ ତାହା ମଧ୍ୟ ନିଶ୍ଚିତ ନୁହେଁ । ସୂଚନାଯୋଗ୍ୟ ଯେ ଏହି ରାସ୍ତା ସମ୍ପର୍କରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକାଧିକ ଥର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରାଯାଇଛି । ସେହିପରି ବିଜେଡିର ସାଂସଦମାନେ ସଂସଦର ଉଭୟ ଗୃହରେ ବିଭିନ୍ନ ସମୟରେ ଉପରୋକ୍ତ ରାଜପଥ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏପରିକି ଗତ ମାର୍ଚ୍ଚ ମାସରେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖି ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଦାବି କରିଛନ୍ତି । ମାତ୍ର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ଉକ୍ତ ରାଜପଥର ନିର୍ମାଣ ସରିବା ପାଇଁ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା କରୁନାହିଁ । ସଂସଦରେ ନିଜେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ରାସ୍ତାର ନିର୍ମାଣ କାର୍ଯ୍ୟ ଚଞ୍ଚଳ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପାଣିର ଗାର ସାବ୍ୟସ୍ତ ହୋଇଛି ।



# ସେବାର ମାର୍ଗ ଦେଇ ଈଶ୍ୱର

## ମହାତ୍ମା ଗାନ୍ଧୀ

ଯଦି ମୁଁ ନିଜ ଭିତରେ ତାଙ୍କର ଉପସ୍ଥିତିକୁ ଅନୁଭବ କରୁ ନ ଥାନ୍ତି, ତେବେ ପ୍ରତ୍ୟହ ମୁଁ ଏତେ ବେଶୀ କଷଣ ଏବଂ ନୈରାଶ୍ୟ ଦେଖିବାକୁ ପାଉଛି ଯେ, ମୁଁ କେବଳ ପାଗଳଙ୍କ ପରି କ୍ରୋଧୋନ୍ମତ୍ତ ହୋଇ ବୁଲୁଥାନ୍ତି ଏବଂ ହୁଗୁଳି ନଦୀ ହିଁ ମୋ'ଲାଗି ଅନ୍ତିମ ଗନ୍ତବ୍ୟ ସ୍ଥାନ ହୋଇ ରହିଥାନ୍ତା ।

ଭାରତବର୍ଷରେ ମୋତେ ଯଦି ଦୀନତମ ମନୁଷ୍ୟର ଦୁଃଖ ସହିତ ଏକାତ୍ମ ହୋଇ ରହିବାକୁ ହୁଏ ଓ ଏପରିକି ଯଦି ସାରା ପୃଥିବୀର ଦୀନତମ ମନୁଷ୍ୟର ଦୁଃଖ ସହିତ ଏକାତ୍ମତା ଅର୍ଜନ କରିବାକୁ ପଡ଼େ, ତେବେ ଯେଉଁ ଅଧମ ମନୁଷ୍ୟମାନେ ମୋ'ର ତତ୍ତ୍ୱାବଧାନରେ ରହିଛନ୍ତି, ମୁଁ ନିଜକୁ ସବା ଆଗେ ସେହିମାନଙ୍କର ପାପ ସହିତ ଏକାତ୍ମକ କରି ରଖିବି । ସକଳ ବିନୟର ସହିତ ସେତିକି କରିପାରିଲେ, ମୁଁ ଦିନେ ନା ଦିନେ ଈଶ୍ୱରଙ୍କର- ସତ୍ୟର ପ୍ରତ୍ୟକ୍ଷ ଦର୍ଶନ ଲାଭ କରିବାକୁ ଆଶା କରିପାରିବି ।

ମନୁଷ୍ୟ ସମାଜର ସେବା କରିବାର ମାଧ୍ୟମରେ ହିଁ ମୁଁ ଭଗବାନଙ୍କର ଦର୍ଶନ ଲାଭ କରିବାକୁ ପ୍ରୟାସ କରୁଛି, କାରଣ ମୁଁ ଜାଣିଛି ଯେ, ଭଗବାନ ସ୍ୱର୍ଗରେ ନାହାନ୍ତି, ଏହି ଧରାତଳେ ମଧ୍ୟ ନାହାନ୍ତି । ସେ ପ୍ରତ୍ୟେକ ମନୁଷ୍ୟ ଭିତରେ ଅଛନ୍ତି ।

ମୁଁ ହେଉଛି ଏହି ସମଗ୍ରଟିର ଏକ ଅଙ୍ଗୀଭୂତ ଅଂଶ ଏବଂ ଅନ୍ୟମାନଙ୍କୁ ଅର୍ଥାତ୍ ମାନବ ସମାଜକୁ ବାଦ୍ ଦେଇ ମୁଁ କଦାପି ଭଗବାନଙ୍କର ଦର୍ଶନ ପାଇପାରିବି ନାହିଁ । ମୋ'ର ଦେଶବାସୀ ହେଉଛନ୍ତି ମୋ'ର ନିକଟତମ ପ୍ରତିବେଶୀ । ସେମାନେ ଏପରିଭାବରେ ଅତ୍ୟନ୍ତ ଅସହାୟ, ଅତ୍ୟନ୍ତ ସମ୍ବଳଶୂନ୍ୟ ଓ ଏପରି ଜୀବନୀଶକ୍ତିହୀନ ହୋଇ ପଡ଼ିଛନ୍ତି ଯେ, ସେହିମାନଙ୍କର ସେବା କରିବାରେ ହିଁ ମୋତେ ନିଜକୁ ଅଭିନିବେଶିତ କରି ରଖିବାକୁ ହେବ । ହିମାଳୟର କୌଣସି ଗୁହା ଭିତରେ ବସି ଭଗବାନଙ୍କୁ ପାଇବି ବୋଲି ଯଦି ମୁଁ ନିଜକୁ ବିଶ୍ୱାସ ଦେଇ ପାରନ୍ତି, ତେବେ ତ ମୁଁ ସାଙ୍ଗେ ସାଙ୍ଗେ ହିଁ ସେହିଠାକୁ ଚାଲି ଯାଆନ୍ତି । ମାତ୍ର ମୁଁ ଜାଣିଛି ଯେ, ମାନବସମାଜ ବ୍ୟତିରେକେ ମୁଁ ତାଙ୍କୁ ଅନ୍ୟ କେଉଁଠି ହେଲେ ପାଇ ପାରିବିନାହିଁ ।

ମୁଁ ମୋ' ଦେଶର କୋଟି କୋଟି ମନୁଷ୍ୟଙ୍କୁ ଜାଣିଛି ବୋଲି ଦାବି କରୁଛି । ଦିନମାନର ଚବିଶି ଘଣ୍ଟା ମୁଁ ସେହିମାନଙ୍କ ସାଙ୍ଗରେ ଅଛି । ସେହିମାନେ ହିଁ ସର୍ବପ୍ରଥମେ ଓ ସର୍ବଶେଷରେ ମୋ' ସେବାକୁ ଲାଭ କରିବାର ଅଧିକାରୀ ହୋଇ ରହିଛନ୍ତି । କାରଣ, ମୂକ କୋଟି କୋଟି ଜନତାର ହୃଦୟ ମଧ୍ୟରେ ଯେଉଁ ଭଗବାନଙ୍କର ଦର୍ଶନ ମିଳେ, ତାଙ୍କ ବ୍ୟତୀତ ମୁଁ ଆଉ କୌଣସି ଭଗବାନଙ୍କୁ ଆଦୌ ସ୍ୱୀକାର କରେନାହିଁ । ସେହି କୋଟି କୋଟି ମନୁଷ୍ୟ ତାଙ୍କର ଉପସ୍ଥିତିଟିକୁ ମଧ୍ୟ ଜାଣି ପାରନ୍ତିନାହିଁ । ମୁଁ ପାରେ ଏବଂ ଏହି କୋଟି କୋଟି ମନୁଷ୍ୟଙ୍କର ମଧ୍ୟଦେଇ ମୁଁ ସତ୍ୟରୂପୀ ଭଗବାନଙ୍କର ଅର୍ଥାତ୍ ଭଗବାନରୂପୀ ସତ୍ୟର ଉପାସନା କରିଥାଏ ।

ମୁଁ ଈଶ୍ୱରଙ୍କୁ ହିଁ ମାର୍ଗଦର୍ଶକ ବୋଲି ଗ୍ରହଣ କରିନେବି ଓ ତାଙ୍କରି ସହିତ ବାଟ ଚାଲିବି । ସେହି ପରମ ପ୍ରଭୁ ପ୍ରକୃତରେ ଅତ୍ୟନ୍ତ ଈର୍ଷାପରାୟଣ । ତାଙ୍କ କର୍ତ୍ତୃତ୍ୱରେ ଆଉ କିଏ ଆସି ଭାଗ ନେଉ ବୋଲି ସେ କଦାପି ଇଚ୍ଛା କରିବେ ନାହିଁ । ତେଣୁ, ଆମକୁ ତାଙ୍କ ପାଖରେ ଆମର ସକଳ ଦୁର୍ବଳତା ସହିତ ଖାଲି ହାତରେ ଯାଇ ଛିଡ଼ା ହେବାକୁ ପଡ଼ିବ, ଏକ ପୂର୍ଣ୍ଣ ସମର୍ପଣର ଭାବ ନେଇ । ତା'ପରେ ଯାଇ ସିଏ ତୁମକୁ ସମଗ୍ର ପୃଥିବୀ ସମ୍ମୁଖରେ ଛିଡ଼ା ହୋଇପାରିବା ଲାଗି ସମର୍ଥ କରିନେବେ ଓ ତୁମକୁ ସକଳ ଅନିଷ୍ଟରୁ ରକ୍ଷା କରୁଥିବେ ।

ମୁଁ ଏହି ଗୋଟିଏ ଶିକ୍ଷା ଲାଭ କରିଛି ଯେ, ଯାହା ମନୁଷ୍ୟ ଲାଗି ଅସମ୍ଭବପ୍ରାୟ ହୋଇ ରହିଥାଏ, ଭଗବାନ ତାକୁ ପିଲାଖେଳ ପରି ଅତ୍ୟନ୍ତ ସହଜରେ ସମ୍ଭବ କରିପାରନ୍ତି ଏବଂ ତାଙ୍କର ଏହି ସୃଷ୍ଟିର ଅଧମତମର ଜୀବନରେ ମଧ୍ୟ ଅଧିଷ୍ଠାତା ହୋଇ ରହିଥିବା ପରମ ଦିବ୍ୟତା ଉପରେ ଯଦି ଆମର ବିଶ୍ୱାସ ରହିଥାଏ, ତେବେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ ଯେ, ସବୁକିଛି ଅବଶ୍ୟ ସମ୍ଭବ ହୋଇଯିବ । ସେହି ସର୍ବଶେଷ ଆଶାଟିରେ ହିଁ ମୁଁ ଜୀବନ ଧାରଣ କରିଛି, ମୋ'ର ସମୟ ଅତିବାହିତ କରୁଛି ଓ ତାଙ୍କରି ଇଚ୍ଛାକୁ ପାଳନ କରିବା ନିମନ୍ତେ ଚେଷ୍ଟା କରୁଛି ।

ଗାଢ଼ତମ ଅନ୍ଧକାର ପରି ନୈରାଶ୍ୟ ଘୋଟି ରହିଥିବା ସମୟରେ ମଧ୍ୟ, ଏଡ଼େ ବଡ଼ ପୃଥିବୀରେ ଯେତେବେଳେ ଆଦୌ କେହି ସାହାଯ୍ୟକର୍ତ୍ତା ଏବଂ କୌଣସି ସାନ୍ତ୍ୱନା ରହିଥିବା ପରି ବୋଧ ହେଉ ନ ଥାଏ, ସେତେବେଳେ ତାଙ୍କର ପରମ ନାମ ହିଁ ଆମକୁ ବଳ ଓ ପ୍ରେରଣା ଦିଏ ଏବଂ ଆମର ସକଳ ସନ୍ଦେହ ତଥା ନୈରାଶ୍ୟକୁ ଦୂରକରି ନେଇଯାଏ । ହୁଏତ ଆଜି ସମସ୍ତ ଆକାଶ ମେଘ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି, ମାତ୍ର ସେଗୁଡ଼ିକୁ ଦୂର କରାଇଦେବା ପାଇଁ ତାଙ୍କରି ଉଦ୍ଦେଶ୍ୟରେ ଏକ ଆନ୍ତରିକ ପ୍ରାର୍ଥନା ହିଁ ଅବଶ୍ୟ ଯଥେଷ୍ଟ ହେବ । ଏହି ପ୍ରାର୍ଥନା ହେତୁ ହିଁ ମୁଁ ଜୀବନରେ ନୈରାଶ୍ୟ ବୋଲି କିଛି ଜାଣିନାହିଁ ।

ତେବେ, ତୁମେ ମଧ୍ୟ କାହିଁକି ନିରାଶ ହୋଇ ପଡ଼ିବ ? ଚାଲ ପ୍ରାର୍ଥନା କରିବା, ଯେପରି ସେ ଆମର ହୃଦୟରୁ ସମସ୍ତ କ୍ଷୁଦ୍ରତା ଦୂର କରି ନେଇଯିବେ, ସମସ୍ତ ନୀଚତା ଓ ପ୍ରବଞ୍ଚନାକୁ ଦୂର କରି ଆମକୁ ପରିଷ୍କାର କରିଦେବେ ସେ ଆମର ପ୍ରାର୍ଥନାଗୁଡ଼ିକୁ ଅବଶ୍ୟ ଶୁଣିବେ । ମୁଁ ବହୁ ବ୍ୟକ୍ତିଙ୍କୁ ଜାଣିଛି, ଯେଉଁମାନେ କି ସର୍ବଦା ଶକ୍ତିର ସେହି ଅକ୍ଷୟ ଉତ୍ସର ହିଁ ଆଶ୍ରୟ ନେଇଛନ୍ତି ।

ମୁଁ ଉପଲବ୍ଧି କରିଛି ଏବଂ ବିଶ୍ୱାସ କରୁଛି ଯେ ଈଶ୍ୱର କଦାପି ଏକ ବ୍ୟକ୍ତିରୂପ ଧାରଣ କରି କାହାକୁ ଦେଖା ଦିଅନ୍ତି ନାହିଁ; ସେ କର୍ମରେ ହିଁ ଆବିର୍ଭୂତ ହୁଅନ୍ତି ଏବଂ ତାଙ୍କର ସେହି କାର୍ଯ୍ୟଟି ଦ୍ୱାରା ତୁମେ ଘୋର ଅନ୍ଧକାରମୟ ସମୟଟି ଭିତରୁ ମୁକ୍ତ ହୋଇ ଆସିଥାଅ । ବ୍ୟକ୍ତିଗତ ଉପାସନାକୁ ଶବ୍ଦଦ୍ୱାରା ବର୍ଣ୍ଣନା କରି କହି ହେବନାହିଁ । ଏହା ତ ଅନବରତ, ଏପରିକି ଅଚେତନ ଭାବରେ ମଧ୍ୟ ଲାଗି ରହିଥାଏ । ଏପରି ଗୋଟିଏ ମୁହୂର୍ତ୍ତ ବି ନାହିଁ, ଯେତେବେଳେ କି ମୁଁ ଜଣେ ପରମସାକ୍ଷୀଙ୍କର ଉପସ୍ଥିତିକୁ ଅନୁଭବ ନ କରୁଥାଏ । ତାଙ୍କର ଆଖି ଆଗରୁ କଦାପି କିଛି ବାଦ୍ ଯାଏନାହିଁ ଓ ତାଙ୍କରି ସହିତ ମୁଁ ସଂଗତି ରକ୍ଷା କରିବାକୁ ପ୍ରୟାସ କରୁଥାଏ ।

ଏପରି କୌଣସି ଅବସର ଆସିନାହିଁ, ଯେତେବେଳେ କି ସେ ଜବାବ ନ ଦେଇଛନ୍ତି । କାରାଗାର ଭିତରର ଅଗ୍ନି ପରୀକ୍ଷାଗୁଡ଼ିକ ସମୟରେ, ଯେତେବେଳେ କି ମୁଁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିଲି ଏବଂ ମୋ'ର ଦିଗ୍‌ବଳୟଗୁଡ଼ିକ ଗାଢ଼ ଅନ୍ଧକାରମୟ ହୋଇ ରହିଥିଲା, ସେତେବେଳେ ମଧ୍ୟ ମୁଁ ତାଙ୍କୁ ମୋ'ର ହାତ ପାଆନ୍ତାରେ ନିକଟତମ କରି ପାଇପାରିଛି । ମୁଁ ନିଜ ଜୀବନରେ ଏପରି କୌଣସି ମୁହୂର୍ତ୍ତର ସ୍ମରଣ କରି ପାରୁନାହିଁ, ଯେତେବେଳେ କି ଭଗବାନ ମୋତେ ଛାଡ଼ି ଚାଲିଗଲେ ବୋଲି ମୁଁ ଅନୁଭବ କରିଛି ।

# ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ

ଦୃଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ଲକ୍ଷଣ ବିଷୟରେ ଜାଣି ପାରିଲେ ତାହାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ । କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ । ଏପରି କି ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ମଧ୍ୟ ରହିଛି । ତେଣୁ ଏହାର କାରଣ ବିଷୟରେ ଅବଗତ ହେବା ମାତ୍ରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ତେବେ



ଦୃଷ୍ଟିଶକ୍ତିକୁ ପ୍ରଖର କରିବା ପଛରେ ଅଲିଭ ତେଲର ଭୂମିକା ରହିଛି । ଏପରି ରୋଚକ ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ । 'ଦୃଷ୍ଟିଶକ୍ତି ଓ ଅଲିଭ ତେଲ' ଶୀର୍ଷକ ବିଷୟ ଉପରେ ଗବେଷଣା କରି ସେମାନେ ଏ ବିଷୟରେ ଜାଣି ପାରିଛନ୍ତି । ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଭିଟାମିନ୍ 'ଏ' ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ ଅଲିଭ ତେଲ ହେଉଛି ଭିଟାମିନ୍ 'ଏ'ର ଅନ୍ୟତମ ଉତ୍ସ । ତେବେ ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଲିଭ ତେଲରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# କ୍ୟାନ୍ସରରୁ ରକ୍ଷା କରିବ ଆମ୍ବ

ଆମ୍ବ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟବର୍ଦ୍ଧକ ଫାଇଦା ମିଳିଥାଏ । ଏଥିରେ ପଟାସିୟମ, ମ୍ୟାଗ୍ନେସିୟମ, କପର ଭଳି ଖଣିଜ ଏବଂ ଲବଣ ମଧ୍ୟ ପ୍ରଚୁର ମାତ୍ରାରେ ରହିଥାଏ । ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ଆମ୍ବ କ୍ୟାନସର ଭଳି ମାରାତ୍ମକ ରୋଗରୁ ମଧ୍ୟ ରକ୍ଷା କରିଥାଏ । ଆମ୍ବରେ ଏକ



ପ୍ରକାର ଫାଇବର୍ ପେକ୍ଟିନ୍ ରହିଥାଏ । ଏହି ପେକ୍ଟିନ୍ ରକ୍ତରେ କୋଲେଷ୍ଟରୋଲ୍ ସ୍ତରକୁ ହ୍ରାସ ପାଇ ପ୍ରଭାବୀ ରୂପରେ କାମ କରିଥାଏ । ଏହାଦ୍ୱାରା ଗ୍ରନ୍ଥିରେ ସୃଷ୍ଟି ହେଉଥିବା କ୍ୟାନସରରୁ ସହଜରେ ରକ୍ଷା ମିଳିଥାଏ । କେବଳ ସେତିକି ନୁହେଁ, ଆମ୍ବ ଓଜନ ହ୍ରାସ କରିବାରେ ମଧ୍ୟ ବେଶ୍ ଫାଇଦା ପ୍ରଦାନ କରିଥାଏ । ତା' ସହ ପାଚନ ପ୍ରକ୍ରିୟାରେ ସହାୟକ ଆମ୍ବ ସେବନ ଦ୍ୱାରା ଏସିଡିଟି ଏବଂ ବଦହଜମୀରୁ ମଧ୍ୟ ରକ୍ଷା ମିଳିଥାଏ ।

# ସ୍ୱାସ୍ଥ୍ୟପାଇଁ ହାନିକାରକ ମଲ୍‌ଟିଭିଟାମିନ୍

ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନ ଏବଂ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଖାଦ୍ୟପେୟରେ ଅଧିକାଂଶ ସମୟରେ ପୋଷକ ତତ୍ତ୍ୱର ଅଭାବ ରହିଯାଏ । ତେଣୁ ବିଶେଷଜ୍ଞମାନେ ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ନେବାକୁ ପରାମର୍ଶ ଦେଇଥାନ୍ତି । ଆମେରିକାର ୟୁନିଭର୍ସିଟି ଅଫ୍ ଆଲବାମାରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ଗ୍ରହଣ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ଗବେଷଣା ପାଇଁ ୧୨ ବର୍ଷ ପର୍ଯ୍ୟନ୍ତ ୨ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ବୈଜ୍ଞାନିକଙ୍କ ଅନୁସାରେ, ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ସେବନ ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ଅଧିକ ଦେଖାଯାଇଥାଏ । କାରଣ ଏହି ସପ୍ଲିମେଣ୍ଟ ଗ୍ରହଣ କରୁଥିବା ଲୋକେ ହୃଦୟ ସୁସ୍ଥ ରଖିବା ନିମନ୍ତେ ଉଠାଇବାକୁ ଥିବା ଅନ୍ୟ କୌଣସି ପଦକ୍ଷେପ ଆଡ଼କୁ ଧ୍ୟାନ ଦେଇ ନଥାନ୍ତି । ମଲଟିଭିଟାମିନ୍ ସେବନ ଦ୍ୱାରା ସେମାନେ ହୃତପିଣ୍ଡର ସୁସ୍ଥତା ପ୍ରତି ନିଶ୍ଚିତ ହୋଇଯାନ୍ତି । ବ୍ୟାୟାମ, ଖାଦ୍ୟପେୟ କିମ୍ବା ଜୀବନଶୈଳୀର ପରିବର୍ତ୍ତନ ଉପରେ କୌଣସି ପଦକ୍ଷେପ ଉଠାନ୍ତି ନାହିଁ । ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ । ଏହି ଗବେଷଣା ସମ୍ପର୍କରେ ଆମେରିକାନ୍ ହାର୍ଟ ଏସୋସିଏସନ୍ ପତ୍ରିକାରେ ପ୍ରକାଶ ପାଇଛି ।

## ଚନ୍ଦନର ଉପକାରିତା

ଚନ୍ଦନକୁ ଏକ ପବିତ୍ର ବୃକ୍ଷଭାବେ ଭାରତୀୟମାନେ ଗ୍ରହଣ କରିଥାନ୍ତି । ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହାର କରାଯାଇଥାଏ । ଚନ୍ଦନ କାଠ ଶରୀରକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ଏହା ଆଣ୍ଟିସେପ୍ଟିକର କାମ କରେ । ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ । ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ ।

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ । ଆର୍ଥିକ ଖାଦ୍ୟ ଜୀର୍ଣ୍ଣ ହେଉ ନ ଥିଲେ ଚନ୍ଦନର ଉପଚାର କରାଯାଇଥାଏ ।

ଚନ୍ଦନର ତେଲ କେଶକୁ ମଜଭୁତ କରିବା ସହ ଝଡିବା ବନ୍ଦ କରିଥାଏ । ଏହା କେଶକୁ ଉତ୍ତମ ପୋଷଣ ଦେବା ସହ ଚମକ ଆଣିଥାଏ ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ । ଚନ୍ଦନକାଠିରେ ଥିବା ଆଣ୍ଟିମାଇକ୍ରୋବିୟାଲ୍ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂର କରେ ।



ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଣ୍ଟିସେପ୍ଟିକ୍ ଭଳି କାର୍ଯ୍ୟ କରେ । ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ ।

ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପଇଁ ଲାଭଦାୟକ । ଅତ୍ୟଧିକ ଗରମ ପଡିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ । ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ ।

ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ । ଏହା କ୍ଷତକୁ ଭଲ କରେ । ତେବେ ଏହି ତେଲକୁ ସିଧାସଳଖ ବ୍ୟବହାର ନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହାର କରିବା ଭଲ । ଚନ୍ଦନରେ ଆଣ୍ଟିସ୍ପାସମୋଡିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ । ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ । କାଶ ରୋଗକୁ ଭଲ କରେ ।

ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ । ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଏ ।

ଆରୋମା ଥେରାପି ବା ସୁଗନ୍ଧି ଚିକିତ୍ସାରେ ଚନ୍ଦନ ତୈଳକୁ ବ୍ୟବହାର କରାଯାଇଥାଏ । ଶାରୀରିକ ଓ ମାନସିକ କ୍ଳାନ୍ତିକୁ ଏହା ଦୂରକରେ । ଏହି ତୈଳରୁ ମିଳୁଥିବା ବିଭିନ୍ନ ପ୍ରାକୃତିକ ତତ୍ତ୍ୱ ମସ୍ତିଷ୍କରେ ସିରୋଟୋନିକ୍ ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଦୁଶ୍ଚିନ୍ତା ଦୂର ହେବା ସହ ସକାରାତ୍ମକ ଭାବନା ସୃଷ୍ଟି ହୁଏ ।

ଦାନ୍ତ ବିନ୍ଧା ହେଉଥିଲେ ଲବଙ୍ଗତେଲ ପରି ଚନ୍ଦନ ତେଲ ମଧ ଯନ୍ତ୍ରଣା ନିବାରକ ଭାବେ କାର୍ଯ୍ୟ କରିଥାଏ । କେବଳ ସେତିକି ନୁହେଁ ଏହା ଦାନ୍ତର ମାଢ଼ିକୁ ମଧ ଶକ୍ତ କରିଥାଏ । ସେଥିପାଇଁ ବିଭିନ୍ନ ପ୍ରକାର ଦନ୍ତମଞ୍ଜନରେ ଚନ୍ଦନର ବ୍ୟବହାର ହୋଇଥାଏ ।

ଚନ୍ଦନ ଘୋରି ଶରୀରରେ ଲଗାଇବା ଦ୍ୱାରା ଏହା ଦେହରୁ ଝାଳ ବୋହିବା କମ୍ କରିଦିଏ । ଏହାଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହୁଏ । ଦୁଇଚାମଚ ବାଦାମ ତେଲ, ପାଞ୍ଚ ଚାମଚ ନଡିଆ ତେଲ ଏବଂ ଚାରି ଚାମଚ ଚନ୍ଦନ ପାଉଡର ଏସବୁକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟ ତ୍ୱଚାରେ ଲଗାନ୍ତୁ । ଏହା ତ୍ୱଚାରୁ କଳାପଣ ଦୂର କରିବା ସହ ଏକ ଚମକ ଆଣିଥାଏ ।

ତେବେ ଚନ୍ଦନର ଉପଯୁକ୍ତ ବ୍ୟବହାର ବିନା ଏହା ଲାଭ ଦେବା ବଦଳରେ କେତେକ ସମସ୍ୟା ସୃଷ୍ଟି କରିଥାଏ । ଉପଯୁକ୍ତ ବୈଦ୍ୟଙ୍କ ପରାମର୍ଶ ନେଇ ଏହାର କେତେକ ପ୍ରୟୋଗ କରାଯିବା ଦରକାର ।

## ଆପଣ ଜାଣନ୍ତି କି ?

- ଏକ ସୋସିଆଲ୍ ସାଇଟରେ ପ୍ରତିଦିନ ୧୬୦ କୋଟି ଫଟୋ ଏବଂ ୨୫ କୋଟି ଭିଡିଓ ଶେୟାର କରାଯାଇଥାଏ ।
- ୨୦୧୬ ମସିହା ଫେବୃୟାରୀ ମାସର ଡାଟା ଅନୁଯାୟୀ, ହ୍ୱାଟ୍ସଆପ୍‌ରେ ମାସକୁ ପ୍ରାୟ ୧୦୦ କୋଟି ଲୋକ ଆକ୍ଟିଭ୍ ରହିଥାନ୍ତି ।
- ହ୍ୱାଟ୍ସଆପ୍ ସିଲିକନ୍ ଭ୍ୟାଲୀଠାରେ ପ୍ରସ୍ତୁତ କରାଯାଇଛି । କିନ୍ତୁ ଏହି କମ୍ପାନୀର ହେଡକ୍ୱାର୍ଟର କାଲିଫର୍ନିଆଠାରେ ଅବସ୍ଥିତ ।
- ଜଣେ ଆଭରେଜ୍ ହ୍ୱାଟ୍ସଆପ୍ ୟୁଜର ପ୍ରତି ସପ୍ତାହରେ ପ୍ରାୟ ୧୯୫ ମିନିଟ୍ ଏଥିରେ ବ୍ୟୟ କରୁଥିବା ବେଳେ ଦିନକୁ ୨୩ ଥର ହ୍ୱାଟ୍ସଆପ୍ ଚେକ୍ କରିଥାଏ ।
- ଜିମେଲ୍, ଗୁଗୁଲ, ମ୍ୟାପ୍, ଫେସବୁକ ଏବଂ ଗୁଗଲ୍ ହ୍ୟାଙ୍ଗଆଉଟ ପରେ ଏହା ହେଉଛି ବିଶ୍ୱର ପଞ୍ଚମ ସର୍ବାଧିକ ଡାଉନଲୋଡ କରାଯାଉଥିବା ଆପ୍ ।
- ସାରା ବିଶ୍ୱରେ ଭାରତବାସୀ ସବୁଠାରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାର କରିଥାନ୍ତି । ୨୦୧୬ ର ଆକଳନ ମୁତାବକ, ଭାରତରେ ପ୍ରାୟ ୧୦୦ ମିଲିୟନ୍ ହ୍ୱାଟ୍ସଆପ୍ ବ୍ୟବହାରକାରୀ ଅଛନ୍ତି ।
- ପ୍ରତିଦିନ ହ୍ୱାଟ୍ସଆପ୍‌ରେ ପ୍ରାୟ ୪୩୦୦ କୋଟି ମେସେଜ୍ ସେଣ୍ଟ କରାଯାଇଥାଏ । ଜଣେ ୟୁଜର ଦିନକୁ ପାଖାପାଖି ୭୦ ଏବଂ ମାସକୁ ୧୦୦୦ ରୁ ଅଧିକ ମେସେଜ୍ ପଠାଇଥାଏ ।
- ୧୯ ଫେବୃୟାରୀ ୨୦୧୪ ମସିହାରେ ଫେସବୁକ୍ ହ୍ୱାଟ୍ସଆପକୁ ୧୯ ମିଲିୟନ୍ ଡଲାରରେ କିଣିଥିଲା । ସେହିବର୍ଷ ହ୍ୱାଟ୍ସଆପ୍‌ର ଆୟ ପ୍ରାୟ ୨୦ ମିଲିୟନ୍ ଡଲାର (ପ୍ରାୟ ୧୩୩ କୋଟି ଟଙ୍କା) ଥିବା ଆକଳନ କରାଯାଇଥିଲା ।

## ପୋଷକ ତତ୍ତ୍ୱର ଗନ୍ତାଘର ତେନ୍ତୁଳି



ଦକ୍ଷିଣ ଭାରତର ପ୍ରାୟତଃ ପ୍ରତ୍ୟେକ ବ୍ୟଞ୍ଜନରେ ତେନ୍ତୁଳିର ବ୍ୟବହାର ହୋଇଥାଏ । ବିବାହ, ବ୍ରତରେ ସେଠାରେ ତେନ୍ତୁଳିର ଉପଯୋଗ ଭାତରେ ମଧ କରାଯାଉଥିବାର ପ୍ରକାଶ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପୋଷକତତ୍ତ୍ୱ ଭରପୁର ତେନ୍ତୁଳି ଶରୀର ପାଇଁ ଖୁବ୍ ହିତକାରୀ । ତେନ୍ତୁଳିରେ ମହଜୁଦ୍ ଫାଇବର ଶରୀରର ପାଚନକ୍ରିୟାକୁ ଉତ୍ତମ କରିବା ସହ ହଜମ ଭଲ ଭାବେ କରେ । ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ ଓ କୋଲେଷ୍ଟରଲକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରେ । ଏହା ସହ ହୃଦଯନ୍ତ୍ରକୁ ମଧ ସୁସ୍ଥ ରଖେ ।

## ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା'

ବାତରକ୍ତର ଏକ ଗମ୍ଭୀର ସମସ୍ୟା । ଯେଉଁ କାରଣରୁ ପୀଡିତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଜଏଣ୍ଟ ପେନର ସମ୍ମୁଖୀନ ହେବାକୁ ପଡେ । ଆଜିକାଲି ଅନେକ ଲୋକଙ୍କ ଠାରେ ଏହି ଗମ୍ଭୀର ସମସ୍ୟା ଦେଖିବାକୁ ମିଳୁଛି । ଏହାର ମୁଖ୍ୟ କାରଣ ଶରୀରରେ ୟୁରିକ ଏସିଡର ମାତ୍ରାଧିକ ବୃଦ୍ଧି । ଅଚାନକ ମେଦବୃଦ୍ଧି କିମ୍ବା ଓଜନ ବୃଦ୍ଧି ଦ୍ୱାରା ମଧ ୟୁରିକ ଏସିଡ୍ ସ୍ତର ବୃଦ୍ଧି ପାଇଥାଏ । କିନ୍ତୁ ଏକ ବିଶେଷ ଉପଚାର ମାଧମରେ ଏହି ରୋଗଠାରୁ ସବୁଦିନ ପାଇଁ ରକ୍ଷା ପାଇହେବ । କଞ୍ଚା ଅମୃତଭଣ୍ଡା ଚା' । ଏହା ରକ୍ତବାତ ରୋଗ ଭଲ କରିବାରେ ସହାୟକ ହୋଇଥାଏ । ନିୟମିତ ଭାବେ ଦିନକୁ ଥରେ ଲେଖାଏ ଏହି ଚା' ସେବନ କଲେ ରକ୍ତବାତ ସମସ୍ୟାରୁ ଉପଶମ ମିଳେ । ଏହାଛଡ଼ା ହାଡ଼ ମଧ ମଜଭୁତ ରହେ । ଅମୃତ ଭଣ୍ଡା ଚା' ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା । କିନ୍ତୁ ଚିକିତ୍ସା ବିଜ୍ଞାନ ଜଗତରେ ଏହି ଚା'ର ବିଶେଷ ମହତ୍ତ୍ୱ ରହିଛି । ଗଣ୍ଠିବାତ ଯନ୍ତ୍ରଣା ବ୍ୟତୀତ ଏହି ଚା' ଆହୁରି ଅନେକ ରୋଗର ନିଦାନରେ ସାହାଯ୍ୟ କରିଥାଏ । ଅମୃତ ଭଣ୍ଡା ଶରୀରରେ ୟୁରିକ୍ ଏସିଡ୍ ମାତ୍ରାକୁ ହ୍ରାସ କରିଥାଏ ।



ଏହି ଚା' ପ୍ରସ୍ତୁତି ପାଇଁ ପ୍ରଥମେ ଅମୃତଭଣ୍ଡାକୁ ଛୋଟ ଛୋଟ ଟୁକୁଡ଼ା କରି ପାଣିରେ ଧୋଇବାକୁ ପଡେ । ପରେ ଏକ ପାତ୍ରରେ ୨ କପ୍ ପାଣି ଦେଇ ଏହି ଟୁକୁଡ଼ାକୁ କିଛି ସମୟ ଆଞ୍ଚରେ ବସାଯାଏ । ପରେ ପାଣିକୁ ଛାଣି ସେଥିରେ ଗ୍ରୀନ୍ ଟି' ବ୍ୟାଗ୍ ପକାଇ ଗରମ ଗରମ ପିଅନ୍ତୁ । ଏହି ଚା' ପିଇବା ଦ୍ୱାରା ରକ୍ତବାତ ରୋଗ ତ ଭଲ ହୁଏ । ତା' ସାଙ୍ଗକୁ ପୁରୁଣା ଯନ୍ତ୍ରଣାରୁ ମଧ ଉପଶମ ମିଳିଥାଏ ।

## କୋଲେଷ୍ଟେରଲ୍ କମାଇବ ଆଭୋକାଡୋ

ଆଭୋକାଡୋର ଏକାଧିକ ସ୍ୱାସ୍ଥ୍ୟ ହିତକର ଗୁଣ ରହିଛି । ହୃତପିଣ୍ଡ ପାଇଁ ଏହାକୁ ବିଶେଷ ଲାଭକର ଫଳ ବୋଲି କୁହାଯାଏ । ଏକ ସଦ୍ୟ ଅଧୟନ ଏହି ତଥ୍ୟର ବଳିଷ୍ଠ ପ୍ରମାଣ ଦେଇଛି । ଅଧୟନ ଅନୁସାରେ, ଦିନକୁ ଗୋଟିଏ ଆଭୋକାଡୋ ଖାଇଥିବା ବ୍ୟକ୍ତିଙ୍କ ଏଲଡିଏଲ୍ ସ୍ତର କମିଥିଲା । ଅର୍ଥାତ୍ କୋଲେଷ୍ଟେରଲ ମାତ୍ରା ହ୍ରାସ ପାଇଥିଲା । ଏଥିସହ ଅତିରିକ୍ତ ଓଜନ ଓ ମେଦବହୁଳତା ସ୍ତର ମଧ କମିଥିଲା । ଅଧୟନରେ ସାମିଲ ପ୍ରତିଯୋଗୀ ସେମାନଙ୍କ ଖାଦ୍ୟ ତାଲିକାରେ ଦିନକୁ ଗୋଟିଏ ଲେଖାଏଁ ଆଭାକାଡୋ ସାମିଲ କରିବା ଦ୍ୱାରା ପୂର୍ବାପେକ୍ଷା ସେମାନଙ୍କ ଠାରେ ଅଳ୍ପ କ୍ଷୁଦ୍ର, ଘନ ଏଲଡିଏଲ କଣିକା ହ୍ରାସ ପାଇବାର ଗବେଷକମାନେ ଲକ୍ଷ୍ୟ କରିଥିଲେ । ନ୍ୟୁଟିସନ ପ୍ରଫେସର ପେନି କ୍ରିସ୍ ଇଥରଟନ୍ ଏହି ତଥ୍ୟ ଦେଇଛନ୍ତି । କ୍ଷୁଦ୍ର ଓ ଘନ ଏଲଡିଏଲ୍ କଣିକାଗୁଡିକ ବିଶେଷ କ୍ଷତିକାରକ, ଯାହା ଧମନୀରେ ଚର୍ବିଜମା କରିଥାଏ ।



ଆଭୋକାଡୋ ବାସ୍ତବରେ ସୁସ୍ଥ ଚର୍ବି ସୃଷ୍ଟିକରେ । ଏଥିରେ କରୋଟେନଏଡସ ରହିଛି ଯାହା ଆଖିର ସ୍ୱାସ୍ଥ୍ୟ ପାଇଁ ବିଶେଷ ଗୁରୁତ୍ୱ ପୂର୍ଣ୍ଣ । ଅନ୍ୟ ପୋଷକ ତତ୍ତ୍ୱରେ ମଧ ଏହା ଭରପୂର ।

## କହିପାରିବେ କି ?

(୧) ଟେଷ୍ଟରେ ଶହେ ରନ୍ କରିଥିବା ପୁରୁଣା ଖେଳାଳୀଙ୍କ ନାଁ କ'ଣ ?
(୨) ଆପଲ ସିଇଓଙ୍କ ନାଁ କ'ଣ ?
(୩) ନାଇଟ୍ସ ଅକ୍ସାଇଡ ଅନ୍ୟ କେଉଁ ନାଁରେ ପରିଚିତ ?
(୪) ହକି ବିଶ୍ୱକପ ମାସ୍କଟର ନାଁ କ'ଣ ?
(୫) କେଉଁ ଖେଳାଳୀଙ୍କ ଡାକ ନାଁ ଗବ୍ବର ?
(୬) କେଉଁ ରାଜ୍ୟକୁ କୁହାଯାଏ 'ଗଡସ୍ ଓନ୍ କଣ୍ଟ୍ରି' ?
(୭) 'ଦେବଭୂମି' ଭାରତର କେଉଁ ରାଜ୍ୟକୁ କୁହାଯାଏ ?
(୮) 'ନାମା ମେଟ୍ରୋ ରାପିଡ୍ ଟ୍ରାନସ୍ପୋର୍ଟ ସିଷ୍ଟମ' ଦେଶର କେଉଁ ରାଜ୍ୟରେ ଆରମ୍ଭ ହୋଇଛି ?
(୯) ଉତ୍ତର ପୂର୍ବ ଭାରତର କେଉଁ ରାଜ୍ୟ 'ଲାଣ୍ଡ ଅଫ୍ ହାଇଲାନଣ୍ଡରସ୍' ନାଁରେ ପରିଚିତ ?
(୧୦) ଆୟତନ ଦୃଷ୍ଟିରୁ ଭାରତର ସବୁଠାରୁ ବଡ଼ ରାଜ୍ୟ କିଏ ?

### JUMBLE WORDS

| | | | |
|---|---|---|---|
| 1) OHTOP | = | 6) SLOAS | = |
| 2) RUYHR | = | 7) LYAHEE | = |
| 3) NEITVN | = | 8) BRRAOH | = |
| 4) FASYEL | = | 9) MUYRM | = |
| 5) ZOWYO | = | 10) NTLUB | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ନଭେମ୍ବର ୨୬, ୨୦୦୮, ୨.ମହାନଦୀ, ୩.ମାର୍ଗଶୀର, ୪.ଜବାହର ଲାଲ ନେହରୁ, ୫.୭ ଟି, ୬. ଧବଳେଶ୍ୱର ପୀଠ, ୭.କାର୍ତ୍ତିକ ପୂର୍ଣ୍ଣମୀ, ୮.ରାବଣ, ୯.ନୀଳେନ୍ଦ୍ରି, ୧୦.୩ ଟି ।

***Jumble Words*** ର ଉତ୍ତର :-

(1) PACIFY (2) DRENCH (3) WOUND (4) HOIST (5) BASKET (6) SALARY (7) GOOSE (8) IMAGE (9) SLUDGE (10) ELIXIR

# ଆଇଆଇଏମ୍ ସମ୍ବଲପୁରର ନବମ ପ୍ରତିଷ୍ଠା ଦିବସ

ବୁର୍ଲା : ଶିକ୍ଷା ଏବଂ ଦକ୍ଷତା କେବଳ ବ୍ୟକ୍ତିଗତ ଲାଭ ପାଇଁ ନୁହେଁ ବରଂ ଆମ ସମାଜର ଉନ୍ନତି ପାଇଁ ମଧ୍ୟ ଆବଶ୍ୟକ ବୋଲି ଆଇଆଇଏମ୍ ସମ୍ବଲପୁରର ନବମ ପ୍ରତିଷ୍ଠା ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତା ଯୋଗେକେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଆଇଆଇଏମ୍ ସମ୍ବଲପୁରକୁ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେ ଆଗକୁ ବଢୁଥିବା ବେଳେ ସମାଜ ପ୍ରତି ଆମର ଗୁରୁ ଦାୟିତ୍ୱକୁ ସ୍ୱୀକାର କରି ସମାଜ ପ୍ରତି କର୍ତ୍ତବ୍ୟବୋଧ ମନୋଭାବ ରଖିବା ଜରୁରୀ । ଏହି ଧାରଣାକୁ ଛାତ୍ରଛାତ୍ରୀ ନିଜ ମନରୁ ଗ୍ରହଣ କରିବା ଆବଶ୍ୟକ । ଛାତ୍ରଛାତ୍ରୀଙ୍କ ପାଖରେ ସମାଜରେ ୱେଲଥ୍ କ୍ରିଏଟର୍ ଓ ରୋଜଗାର ତିଆରି କରିବାର ଶକ୍ତି ଅଛି । କେବଳ ସୁଯୋଗ ଅନ୍ୱେଷଣ ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିବା ଦରକାର । ଏହା ଦ୍ୱାରା ଆମେ ଏକ ରାଷ୍ଟ୍ରକୁ ବିକଶିତ କରିପାରିବା । କେନ୍ଦ୍ରମନ୍ତ୍ରୀ ଏହାବି କହିଛନ୍ତି ଯେ ଆମ ଦେଶର ସାମ୍ପ୍ରତିକ ଇତିହାସର କିଛି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ଚିନ୍ତା କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର । ସଂସଦରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍-ନାରୀ ଶକ୍ତି ବନ୍ଦନ ଅଧିନିୟମ ଗୃହୀତ ହୋଇଛି । ଲିଙ୍ଗଗତ ସମାନତା ହାସଲ ଦିଗରେ ଏହି ଐତିହାସିକ ଅଧିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଦ୍ୱାରା







ଆମ ସଂସଦ ଏବଂ ରାଜ୍ୟ ବିଧାନସଭାର ଗୃହରେ ଦେଶର ମହିଳାଙ୍କ ସ୍ୱର ଅଧିକ ଶାଣିତ ହେବ । ଦେଶର ନୀତି ଓ ନିର୍ଦ୍ଧାରଣ ପ୍ରକ୍ରିୟାରେ ମହିଳାଙ୍କ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ ଜି-୨୦ ଶିଖର ସମ୍ମିଳନୀର ଗୌରବ କଥା, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ବିକାଶ ଆଗକୁ ବଢୁଥିବା ସହିତ ଜାତୀୟ ଶିକ୍ଷାନୀତି ଯୁବବର୍ଗଙ୍କ ମଧ୍ୟରେ ସାମଗ୍ରିକ ବିକାଶ, ନବସୃଜନ ଏବଂ ବୈଶ୍ୱିକ ନାଗରିକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହା ବ୍ୟତୀତ ଆଇଆଇଏମ୍ ସମ୍ବଲପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମର ବିଷୟ ବସ୍ତୁ ଆକ୍ସେଲେରେଟିଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ କହିବାକୁ ଯାଇ ଜାତୀୟ ଶିକ୍ଷା ନୀତି ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ଉଦ୍ଭାବନ ଏବଂ ଷ୍ଟାର୍ଟଅପ୍ ଉପରେ ଅଧିକ ଗୁରୁତ୍ୱ ଦେଇଛି ବୋଲି ପ୍ରକାଶ କରିଥିଲେ । ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ସହ ନୂଆ ଚିନ୍ତାଧାରାକୁ ପାଠ୍ୟକ୍ରମରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରୁଥିବାରୁ ଉଚ୍ଚଶିକ୍ଷାନୁଷ୍ଠାନ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରିସର୍ଚ୍ଚ ପାର୍କ, ଇନୋଭେସନ୍ ହବ୍ ଏବଂ ଇନ୍‌କ୍ୟୁବେସନ୍ ସେଣ୍ଟର ପ୍ରତିଷ୍ଠା ଉପରେ ଧ୍ୟାନ ଦିଆଯାଇଥିବା ମନ୍ତ୍ରୀ କହିଥିଲେ ।

ଏହି ପରିପ୍ରେକ୍ଷୀରେ ଆଇଆଇଏମ୍ ସମ୍ବଲପୁର ଇଣ୍ଡିଆ ଆକ୍ସେଲେରେଟର୍, ସିଡ୍‌ବି, ଓଏନ୍‌ଡିସି ଏବଂ ଫ୍ଲିପକାର୍ଟ ଭଳି ସଂସ୍ଥା ସହ ଭାଗିଦାରୀ ଏବଂ ସହଯୋଗୀ ହେବା ଆନନ୍ଦର ବିଷୟ । ଏହି ଭାଗିଦାରୀ ଷ୍ଟାର୍ଟଅପ୍ ସ୍ଥାନୀୟ ଅଞ୍ଚଳର ବୁଣାକାର ଏବଂ କାରିଗରଙ୍କ ବ୍ୟବସାୟକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଆଇଆଇଏମ୍ ସମ୍ବଲପୁରର ମୂଳ ମୂଲ୍ୟବୋଧ- ଇନେଭେସନ୍, ଇନ୍‌କ୍ଲୁସିଭ୍‌ନେସ୍ ଏବଂ ଇଣ୍ଟିଗ୍ରିଟି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶକ ସାଜିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉ । ଶ୍ରେଷ୍ଠତା ପାଇଁ ପ୍ରୟାସ କରିବା ସହ ସମାଜରେ ଯୋଗଦାନ କରିବା ଏବଂ ସେହି ମୂଲ୍ୟବୋଧକୁ ବଜାୟ ରଖିବା ଛାତ୍ରଛାତ୍ରୀଙ୍କ ଉଦେଶ୍ୟ ହେଉ । ଏହା ଆମ ସମସ୍ତଙ୍କୁ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରାଇବ ଏବଂ ଭାରତକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଆଇଆଇଏମ୍ ସମ୍ବଲପୁରର ଭୂମିକା ରହିବା ନେଇ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୟୁଏସ୍‌ଏର ଏସ୍‌କେଏନ୍ ଭେନ୍‌ଚର୍ସ ଏବଂ ଇଣ୍ଡସ୍ କେପିଟାଲ୍ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଶାନ୍ତ କୁମାର କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଉଦ୍‌ବୋଧନରେ ରାମ ଶ୍ରୀରାମଙ୍କ ପରି ପ୍ରାରମ୍ଭିକ ନିବେଶକଙ୍କ ଆତ୍ମବିଶ୍ୱାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ବର୍ଣ୍ଣନା କରିଥିଲେ । ସେମାନେ କିପରି ଗୁଗୁଲର ପ୍ରଥମ ନିବେଶକ ଥିଲେ । କମ୍ପାନିର ଲାଭଜନକ ବର୍ଷରେ ମଧ୍ୟେ ଲ୍ୟାରି ପେଜ୍ ଏବଂ ସର୍ଗି ବ୍ରିନ୍‌ଙ୍କୁ କିଭଳି ସମର୍ଥନ କରିଥିଲେ ତାହା ବର୍ଣ୍ଣନା କରି ପ୍ରାଥମିକ ଚିନ୍ତାଧାରାକୁ ସହାନୁଭୂତି ଦେଇ କମ୍ପାନିଗୁଡିକୁ ବାଧାବିଘ୍ନ ଅତିକ୍ରମ ଅତିକ୍ରମ କରିବାକୁ ପଡିବ ବୋଲି କହିଥିଲେ । ଶ୍ରୀ କୁମାର ଏହି କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟ ରଖିବା ବେଳେ ଆଇଆଇଏମ୍ ସମ୍ବଲପୁରରେ ଏକ ଇନ୍‌କ୍ୟୁବେସନ ସେଣ୍ଟର ପାଇଁ ମୋଟ୍ ୨ ମିଲିୟନ୍ ଡଲାରର ପ୍ରମୁଖ ଅର୍ଥ ସହଯୋଗ ଘୋଷଣା କରିବା ସହିତ ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ଆରମ୍ଭ କରିବା ଦିଗରେ ପଦକ୍ଷେପ ନେବାକୁ ଆଇଆଇଏମ୍ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୁଜୁରାଟ ଆଇ-ହବ୍ ସିଇଓ ହିରଣ୍ମୟ ମହନ୍ତ ଯୋଗଦେଇ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଅଭିନବ ଆତ୍ମାର ଏକ କାହାଣୀ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ୧୯୩୯ ମସିହାରେ ଯେତେବେଳେ ଏହା ସ୍ଥାପିତ ହୋଇଥିଲା ସେତେବେଳେ ଷ୍ଟାନଫୋର୍ଡ ଆମେରିକାର ବୈଦେଶିକ ବିଭାଗର ନବସୃଜନ ପାଣ୍ଠିରୁ ୫୦ ହଜାର ଡଲାର ପାଇଥିଲା ଏବଂ ନବସୃଜନ ପାଇଁ ସେମାନଙ୍କ ରଣନୀତି ସେମାନଙ୍କୁ ଏକ ଶକ୍ତି ଭାବରେ ପରିଣତ କରିଥିଲା । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପରି ଏହି ଅନୁଷ୍ଠାନର ଭବିଷ୍ୟତକୁ ପ୍ରଭାବିତ କରିବାର ଏକ ଚମତ୍କାର ସୁଯୋଗ ରହିଥିବା ସେ କହିଥିଲେ ।

କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ୟସ୍‌ୱାଲ୍ ଆଇଆଇଏମ୍‌ର ସଫଳତା ସମ୍ପର୍କରେ ସୂଚନା ଦେବା ସହିତ ଆଗାମୀ ପଦକ୍ଷେପ ସମ୍ପର୍କରେ ସବିଶେଷ ବିବରଣୀ ଦେଇଥିଲେ । ଏହି ସହିତ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଅନ୍ୟ ଆଇଆଇଏମ୍‌ଗୁଡ଼ିକ ପରି ସମ୍ବଲପୁର ଆଇଆଇଏମ୍ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ସେ ଉଲ୍ଲେଖ କରିଥିଲେ ।

କାର୍ଯ୍ୟକ୍ରମରେ ଗୁଜୁରାଟ ଆଇ-ହବ୍ ସିଇଓ ହିରଣ୍ମୟ ମହନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଆଇଆଇଏମ୍ ସମ୍ବଲପୁର ପ୍ରଶାସନିକ ଅଧିକାରୀ ଅମୃତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ସର୍ବୋତ୍ତମ ୭ଜଣ ଛାତ୍ରଛାତ୍ରୀଙ୍କୁ ଏକଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆଇଆଇଏମ୍ ସମ୍ବଲପୁର ଏବଂ ଇଣ୍ଡିଆ ଏସିଲେଟର୍ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା ।

# ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ୮୦୦ ମେଗାୱାଟ ପାଇଁ ଗ୍ରିଡକୋ ଲିମିଟେଡ ସହ ବିଦ୍ୟୁତ କ୍ରୟ ଚୁକ୍ତି ସ୍ୱାକ୍ଷର କରିଛି

ନୂଆଦିଲ୍ଲୀ: ଏନଏଲସି ଇଣ୍ଡିଆ ଲିମିଟେଡ (ଏନଏଲସିଆଇଏଲ) ଏବଂ ଗ୍ରିଡକୋ ଲିମିଟେଡ ଓଡ଼ିଶାରେ ପ୍ରସ୍ତାବିତ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେସନ (ଏନଟିଟିପିପି)ର ଷ୍ଟେଜ - ୧ରେ ୪୦୦ ମେଗାୱାଟ ଏବଂ ଷ୍ଟେଜ - ୨ରେ ୪୦୦ ମେଗାୱାଟ ପାଇଁ ଗ୍ରୀଡକୋ ଲିମିଟେଡ ସହ ଏକ ବିଦ୍ୟୁତ୍ କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ସହିତ ଏନ୍‌ଏଲ୍‌ସିଆଇଏଲ୍ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେସନ ଷ୍ଟେଜ -୧ ର ୨୪୦୦ ମେଗାୱାଟର ସମ୍ପୂର୍ଣ୍ଣ କ୍ଷମତାକୁ ଅନୁବନ୍ଧିତ କରିଛି । ଏନଏଲସି ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଏମ୍ ପ୍ରସନ୍ନ କୁମାର ମୋଟୁପଲ୍ଲୀ ଏବଂ ଗ୍ରୀଡକୋ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଏବଂ ଗ୍ରୀଡକୋ ଲିମିଟେଡର ନିର୍ଦ୍ଦେଶକ (ଏଫ୍ ଆଣ୍ଡ ସିଏ) ଗଗନ ବିହାରୀ ସ୍ୱାଇଁଙ୍କ ଉପସ୍ଥିତିରେ ଏନ୍‌ଏଲସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ ଏମ୍ ଭେଙ୍କଟଚାଲମ୍ ଏବଂ ଶ୍ରୀ. ଉମାକାନ୍ତ ସାହୁ, ଗ୍ରୀଡକୋ ଲିମିଟେଡର ନିର୍ଦ୍ଦେଶକ (ଟି ଆଣ୍ଡ ବିଡି) ବିଦ୍ୟୁତ କ୍ରୟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଏନଏଲସିଆଇଏଲ ଅତୀତରେ ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ସହିତ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେସନ ଷ୍ଟେଜ - ୧ରୁ ଯଥାକ୍ରମେ ୧୫୦୦ ମେଗାୱାଟ, ୪୦୦ ମେଗାୱାଟ ଏବଂ ୧୦୦ ମେଗାୱାଟ ବିଦ୍ୟୁତ ଯୋଗାଣ ପାଇଁ ଅନୁରୂପ ଚୁକ୍ତିସ୍ୱାକ୍ଷର କରିସାରିଛି ଏବଂ ଏନଟିଟିପିପିର ୧ଙ୍ଘ ୮୦୦ ମେଗାୱାଟର ଦ୍ୱିତୀୟ ପର୍ଯ୍ୟାୟରେ ୪୦୦ ମେଗାୱାଟ ପାଇଁ ବର୍ତ୍ତମାନ ଗ୍ରୀଡକୋ ଓଡ଼ିଶା ସହିତ ଚୁକ୍ତି ହୋଇଛି ।

# ଜି-୨୦ ଅଧ୍ୟକ୍ଷତା ଯୁବପୀଢ଼ିଙ୍କ ପାଇଁ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭାରତର ଜି-୨୦ ଅଧ୍ୟକ୍ଷତାରେ ଅନ୍ୟତମ ପ୍ରମୁଖ ପ୍ରାଥମିକତା ହେଉଛି ଅଧିକ ସମାବେଶୀ ବିଶ୍ୱ ସୃଷ୍ଟି କରିବା, ଯେଉଁଠାରେ ଦକ୍ଷିଣବିଶ୍ୱର ସ୍ୱରକୁ ଆଉ ଅଣଦେଖା କରାଯିବ ନାହିଁ । ଏ ଦିଗରେ ସବୁଠାରୁ ବଡ଼ ସଫଳତା ହେଉଛି ଜି-୨୦ର ସ୍ଥାୟୀ ସଦସ୍ୟ ଭାବେ ଆଫ୍ରିକୀୟ ସଂଘକୁ ସ୍ୱାଗତ କରିବା ପାଇଁ ଭାରତର ପ୍ରସ୍ତାବକୁ ଗ୍ରହଣ କରିବା ବୋଲି ଡକ୍ଟର ମିଶ୍ର କହିଥିଲେ ।

ସେହିପରି ଡକ୍ଟର ମିଶ୍ର ଏକ ଉଚ୍ଚସ୍ତରୀୟ ବୈଠକରେ ଜି-୨୦ ନେତୃମଣ୍ଡଳୀ ସମ୍ମିଳନୀର ଫଳାଫଳକୁ ନେଇ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଛନ୍ତି । ବୈଠକରେ ଭାରତର ଜି-୨୦ ଶେରପା ଅମିତାଭ କାନ୍ତ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିନୟ ମୋହନ କ୍ୱାତ୍ରା ଏବଂ ଆର୍ଥିକ ବ୍ୟାପାର ବିଭାଗ ସଚିବ ଅଜୟ ସେଠ୍ ଯୋଗ ଦେଇଥିଲେ ।

ଡ. ମିଶ୍ର କହିଛନ୍ତି ଯେ, ଜି-୨୦ ସମ୍ମିଳନୀ ଗୋଟିଏ ସମୟର ବ୍ୟାପାର ନୁହେଁ । ଭାରତର ଅଧ୍ୟକ୍ଷତାରେ ଏଥିରୁ ମଜଭୁତ ପରିଣାମ ମିଳିଛି ଯାହାକୁ ନିବିଡ଼ ଭାବରେ ଅନୁସରଣ ଏବଂ ତଦାରଖ କରାଯାଉଛି । ବିଭିନ୍ନ କାର୍ଯ୍ୟକାରୀ ଗୋଷ୍ଠୀର ନେତୃତ୍ୱ ନେଉଥିବା ସଂପୃକ୍ତ ମନ୍ତ୍ରଣାଳୟଗୁଡ଼ିକୁ ସେମାନଙ୍କ କ୍ଷେତ୍ର-ଆଧାରିତ ଫଳାଫଳ କାର୍ଯ୍ୟକାରୀ କରିବାକୁ ଦାୟିତ୍ୱ ଦିଆଯାଇଛି । ଏକ ଉଚ୍ଚସ୍ତରୀୟ ଅନୁଧାନ ଗୋଷ୍ଠୀ ମଧ ଗଠନ କରାଯାଉଛି । ପ୍ରଧାନମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିବା ଜି-୨୦ ଭର୍ଚ୍ଚୁଆଲ୍ ସମ୍ମିଳନୀ ପାଇଁ ପ୍ରସ୍ତୁତ ରହିବାକୁ ବୈଠକରେ ଡକ୍ଟର ମିଶ୍ର ଅଧିକାରୀମାନଙ୍କୁ କହିଛନ୍ତି । ଭର୍ଚ୍ଚୁଆଲ୍ ଜି-୨୦ କୁ କାର୍ଯ୍ୟକାରୀ କରିବା ପାଇଁ ଜି-୨୦ ସଚିବାଳୟ, ଆର୍ଥିକ ବ୍ୟାପାର ବିଭାଗ, ବୈଦେଶିକ ମନ୍ତ୍ରଣାଳୟ ଆଦି ସମସ୍ତେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଜି-୨୦ ଘୋଷଣାପତ୍ର ଏବଂ ପୂର୍ବରୁ ମନ୍ତ୍ରୀ/କାର୍ଯ୍ୟକାରୀ ଗୋଷ୍ଠୀ ବୈଠକର ପରିଣାମ ଉପରେ ଧ୍ୟାନ ଦେବାକୁ ଡକ୍ଟର ମିଶ୍ର ସମସ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁ ଅଂଶୀଦାରମାନଙ୍କ ସହିତ ୱେବିନାର ଆୟୋଜନ କରିବା ଏବଂ ଏହି ପ୍ରକ୍ରିୟାରେ ରାଜ୍ୟ ସରକାର ଏବଂ ଥିଙ୍କଟ୍ୟାଙ୍କମାନଙ୍କୁ ସାମିଲ କରିବାକୁ ସେ ମନ୍ତ୍ରଣାଳୟଗୁଡ଼ିକୁ କହିଛନ୍ତି । ବିଶେଷ କରି ଆଫ୍ରିକୀୟ ସଂଘ ଏବଂ ଗ୍ଲୋବାଲ ସାଉଥ ପ୍ରତି ଆମର ସମର୍ଥନ ସମସ୍ତ କାର୍ଯ୍ୟରେ ଜାରି ରହିବା ଉଚିତ ବୋଲି ଡକ୍ଟର ମିଶ୍ର କହିଛନ୍ତି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

ଶ୍ରୀଜଗତ
1 - 7 October 2023



# ପଦ୍ମଶ୍ରୀ କିରଣ ସେଠଙ୍କୁ ସମ୍ବଲପୁର ଜିଲ୍ଲାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା









ସମ୍ବଲପୁର : ଯୁବଗୋଷ୍ଠୀଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି, କଳା ଓ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ପ୍ରଚାର ଉଦ୍ଦେଶ୍ୟରେ ଭାରତ ଯାତ୍ରାରେ ସାଇକଲରେ ବାହାରିଥିବା ସ୍ପିକ୍ ମାକେର ପ୍ରତିଷ୍ଠାତା ପଦ୍ମଶ୍ରୀ ପ୍ରଫେସର କିରଣ ସେଠ ସମ୍ବଲପୁର ଜିଲ୍ଲାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ତାଙ୍କୁ ଦିଆଯାଇଥିବା ସଭାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ଡକ୍ଟର ସେଠ୍ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଯୁବ ସମାଜ ମଧ୍ୟରେ ଅସ୍ଥିରତା ରୋଗ ମହାମାରୀ ପରି ବ୍ୟାପିଛି । ସ୍କୁଲ, କଲେଜ ମାନଙ୍କରେ ପିଲାଙ୍କୁ ମାନସିକ ଏକାଗ୍ରତା ବିଷୟରେ ଶିକ୍ଷା ଦେବାକୁ ଆହ୍ୱାନ ଦେଇ ଶାସ୍ତ୍ରୀୟ ସଙ୍ଗୀତ ମାଧ୍ୟମରେ ଏହା ସମ୍ଭବ ବୋଲି ବିଭିନ୍ନ ଉଦାହରଣ ଓ ନିଜ ଜୀବନର ୪୭ ବର୍ଷର କେତେକ ଅଭିଜ୍ଞତା ବାଣ୍ଟିଥିଲେ । ସମଗ୍ର ବିଶ୍ୱରେ ବର୍ତ୍ତମାନ ଏହା ଏକ ଆନ୍ଦୋଳନରେ ପରିଣତ କରିବାକୁ ଉଦ୍ୟମ ଅବ୍ୟାହତ ଥିବା ସେ ପ୍ରକାଶ କରି ପ୍ରଚାର ଓ ପ୍ରସାର ପାଇଁ ସମ୍ବଲପୁରରେ ଏକ କମିଟି ଗଠନ ପାଇଁ ସେ ପରାମର୍ଶ ଦେଇଥିଲେ । ଲାଇବ୍ରେରୀର ସଭ୍ୟ ସଂପାଦକ ଶ୍ରୀ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଶାସନସ୍ଥିତ ବିକାଶ ଶିକ୍ଷା ଅନୁଷ୍ଠାନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଫେସର ସେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିକାଶ ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ ଜି.ଭାସ୍କର ରାଓ ସ୍ୱାସ୍ଥ୍ୟ ଠିକ୍ ରହିଲେ ମନ ସୁସ୍ଥ ରହେ ବୋଲି କହିଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ବାବୁ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ବରଧରା ଗ୍ରାମର ଶ୍ରୀ ରାଧାକୃଷ୍ଣ ସଂପର୍ଦ୍ଧା ଦଳ ସଂପର୍ଦ୍ଧା ପରିବେଷଣ ହୋଇଥିଲା । ଶେଷରେ ବିକାଶ ଦ କନେସପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଂଜନ ପତି ଧନ୍ୟବାଦ ଦେଇଥିଲେ ।

ସେହିପରି ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଡକ୍ଟର ସେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡ଼ା ଶାସନ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଓ ଫୁଲଝରନ ହାଇସ୍କୁଲରେ ମଧ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମସ୍ତ ଉତ୍ସବରେ ସ୍ପିକ୍ ମେକେର ପଶ୍ଚିମ ଓଡ଼ିଶା ଦାୟିତ୍ୱରେ ଥିବା ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ଯୋଗଦେଇ ଦେଇଥିଲେ ।

## ରୋହିତ ପୂଜାରୀ ହେଲେ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି



ସମ୍ବଲପୁର: ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ପୂର୍ବତନ ଜିଲ୍ଲା ସଭାପତି ସିଦ୍ଧାର୍ଥଦାସଙ୍କୁ ରାଜ୍ୟ ବିଜେଡି ସାଧାରଣ ସଂପାଦକ ଦାୟିତ୍ୱ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀ ପୂଜାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । କିଛି ମାସ ତଳେ ଅପାରଗତା କାରଣ ଦର୍ଶାଇ ରୋହିତଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ପଦରୁ ବିଦା କରାଯାଇଥିଲା । ଏବେ ବିଜେଡି ତାଙ୍କ ସାଂଗଠନିକ ଦକ୍ଷତା ଓ ଅଭିଜ୍ଞତାକୁ କାମରେ ଲଗାଇବା ପାଇଁ ଜିଲ୍ଲା ସଂଗଠ ସଂଗଠନର ମୁଖିଆ କରିଛି । ରୋହିତ ପୂର୍ବରୁ ବି ଜିଲ୍ଲା ସଭାପତି ଦାୟିତ୍ୱ ନିର୍ବାହ କରିଛନ୍ତି । ସେହି ସମୟରେ ସମ୍ବଲପୁର ଜିଲ୍ଲାରେ ବିଜେଡିର ସାଂଗଠନିକ ଶକ୍ତି ବୃଦ୍ଧି କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ରୋହିତ ୨୦୦୯ ରେ କଂଗ୍ରେସ ଛାଡି ବିଜେଡିରେ ମିଶିବା ପରେ ଦଳ ତାଙ୍କୁ ଗୁରୁତ୍ୱ ଦେଇଥିଲା । ସେହିବର୍ଷ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ କରିଥିଲା ବିଜେଡି । କଂଗ୍ରେସ ପ୍ରାର୍ଥୀ ଅମରନାଥ ପ୍ରଧାନଙ୍କ ଠାରୁ ସେ ମାତ୍ର ୧୪ ହଜାର ଭୋଟରେ ପରାଜିତ ହୋଇଥିଲେ । ତଥାପି ଦଳ ତାଙ୍କୁ ଗୁରୁତ୍ୱ ଦେବା ସହ ସମ୍ବଲପୁର ଜିଲ୍ଲା ସଭାପତି ଘୋଷଣା କରିଥିଲା । ଦଳରେ ବହୁ ବରିଷ୍ଠ ନେତା ଥିବା ସତ୍ତ୍ୱେ ଯୁବ ଚେହେରାକୁ ଦାୟିତ୍ୱ ଦେଇଥିଲା ଦଳ । ସେ ୨୦୧୦ରୁ ୨୦୧୫ ମସିହା ପର୍ଯ୍ୟନ୍ତ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରିଥିଲେ । ୨୦୧୪ରେ ସେ ନିଜେ ରେଢ଼ାଖୋଲରୁ ବିଧାୟକ ଭାବେ ଜିତିବା ସହ ତାଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର ୩ଟି ବିଧାନସଭା ଆସନ ବିଜେଡି ଅକ୍ତିଆର କରିଥିଲା ।

## ଡାକ୍ତର ଦୁର୍ଗା ଶତପଥୀଙ୍କୁ 'ଏମିନେଣ୍ଟ ଡେଣ୍ଟାଲ୍ ସର୍ଜନ ଆୱାର୍ଡ'



ସମ୍ବଲପୁର: ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନର ଓଡିଶା ଶାଖା ପକ୍ଷରୁ ସମ୍ବଲପୁରର ବିଶିଷ୍ଟ ଦନ୍ତ ଚିକିତ୍ସକ ଡାକ୍ତର ଦୁର୍ଗା ଶଙ୍କର ଶତପଥୀଙ୍କୁ 'ଏମିନେଣ୍ଟ ଡେଣ୍ଟାଲ୍ ସର୍ଜନ୍ ଆୱାର୍ଡ-୨୦୨୩' ପ୍ରଦାନ କରାଯାଇଛି । ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମ୍ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସାରଦା ପ୍ରସାଦ ନାୟକ ଡାକ୍ତର ଶତପଥୀଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଆୱାର୍ଡ ଦେଇ ସମ୍ମାନିତ କରିଥିଲେ । ଏଥିପାଇଁ ଡାକ୍ତର ଶତପଥୀଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଡାକ୍ତର ଶତପଥୀ ପୂର୍ବରୁ ଦେଶର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦନ୍ତ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି ।

## ସମ୍ବଲପୁର ଚେମ୍ବରର୍ସ ଅଫ୍ କମର୍ସର ନୂଆଁଖାଇ ଭେଟ୍‌ଘାଟ୍





ସମ୍ବଲପୁର: ସମ୍ବଲପୁର ଚେମ୍ବରର୍ସ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ହୋଟେଲ ଡଲଫିନ୍ ଠାରେ ଅନୁଷ୍ଠାନର ସଭାପତି ଅଶୋକ କୁମାର ଜଲାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ବିଧାୟକ ନାଉରୀ ନାୟକ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଆରଏସଏସର ପଶ୍ଚିମ ପ୍ରାନ୍ତର ସଂଘ ଚାଳକ ବିପିନ ବିହାରୀ ନନ୍ଦ, ପ୍ରଭାସ ଚନ୍ଦ୍ର ଅଗ୍ରୱାଲ, ଅରୁଣ ପଟୱାରୀ, ଜଶବିର ସିଂ ହୁରା, ଡିଲେଶ୍ୱର ଷଡ଼ଙ୍ଗୀଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra